# ECHO OF HIS CALL

## ଆହ୍ବାନର ପ୍ରତିଧ୍ୱନି

ODIA

ECHO OF HIS CALL 1969–2019 GOLDEN JUBILEE

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXIV  YEAR OF OUR LORD JESUS CHRIST, JULY 2022  No.5


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୩୦:୧–୧୦)

୧ ହେ ସଦାପ୍ରଭୋ, ମୁଁ ତୁମ୍ଭର ଗୁଣ ଗାନ କରିବି; କାରଣ
ତୁମ୍ଭେ ମୋତେ ଉଠାଇଅଛ ଓ ମୋ' ଶତ୍ରୁଗଣକୁ ମୋ'
ଉପରେ ଆନନ୍ଦ କରିବାକୁ ଦେଇ ନାହିଁ ।
୨ ହେ ସଦାପ୍ରଭୋ, ମୋହର ପରମେଶ୍ୱର, ମୁଁ ତୁମ୍ଭ
ନିକଟରେ ଆର୍ତ୍ତନାଦ କଲି, ପୁଣି ତୁମ୍ଭେ ମୋତେ ସୁସ୍ଥ
କରିଅଛ ।
୩ ହେ ସଦାପ୍ରଭୋ, ତୁମ୍ଭେ ପାତାଳରୁ ମୋ' ପ୍ରାଣ ଉଠାଇ
ଆଣିଅଛ; ମୁଁ ଯେପରି ଗର୍ତ୍ତକୁ ଗମନ ନ କରିବି,
ଏଥିପାଇଁ ତୁମ୍ଭେ ମୋତେ ବଞ୍ଚାଇ ରଖିଅଛ ।
୪ ହେ ସଦାପ୍ରଭୁଙ୍କର ସଦ୍‌ଭକ୍ତମାନେ, ତାହାଙ୍କ
ଉଦ୍ଦେଶ୍ୟରେ ପ୍ରଶଂସା ଗାନ କର, ପୁଣି ତାହାଙ୍କ ପବିତ୍ର
ନାମକୁ ଧନ୍ୟବାଦ ଦିଅ ।
୫ କାରଣ ତାହାଙ୍କ କ୍ରୋଧ କ୍ଷଣମାତ୍ରସ୍ଥାୟୀ; ତାହାଙ୍କ
ଅନୁଗ୍ରହରେ ଜୀବନ ଥାଏ; ରୋଦନ ରାତ୍ରି ପାଇଁ ପ୍ରବାସ
କରିପାରେ, ମାତ୍ର ପ୍ରାତଃକାଳରେ ଆନନ୍ଦ ଆସେ ।
୬ ମୁଁ ଆପଣା ସମୃଦ୍ଧି ସମୟରେ କହିଲି, ମୁଁ କେବେ
ବିଚଳିତ ନୋହିବି ।
୭ ହେ ସଦାପ୍ରଭୋ, ତୁମ୍ଭେ ଆପଣା ଅନୁଗ୍ରହ ସକାଶୁ
ମୋହର ପର୍ବତ ଦୃଢ଼ କରି ସ୍ଥାପନ କରିଥିଲ; ତୁମ୍ଭେ
ଆପଣା ମୁଖ ଲୁଚାଇଲ; ମୁଁ ବ୍ୟାକୁଳ ହେଲି ।
୮ ହେ ସଦାପ୍ରଭୋ, ମୁଁ ତୁମ୍ଭକୁ ଡାକିଲି; ପୁଣି, ସଦାପ୍ରଭୁଙ୍କ
ନିକଟରେ ନିବେଦନ କଲି ।
୯ ମୁଁ ଗର୍ତ୍ତକୁ ଗମନ କଲେ, ମୋର ରକ୍ତରେ କି ଲାଭ ?
ଧୂଳି କି ତୁମ୍ଭର ପ୍ରଶଂସା କରିବ ? ତାହା କି ତୁମ୍ଭର
ସତ୍ୟତା ପ୍ରକାଶ କରିବ ?
୧୦ ହେ ସଦାପ୍ରଭୋ, ଶୁଣ ଓ ମୋ' ପ୍ରତି ଦୟା କର;
ସଦାପ୍ରଭୋ, ତୁମ୍ଭେ ମୋହର ସହାୟ ହୁଅ ।

## ଆପଣଙ୍କର ନିଷ୍ପତ୍ତି ଆପଣଙ୍କ ଭାଗ୍ୟ ନିର୍ଣ୍ଣୟ କରେ !

**YOUR DECISION DETERMINES YOUR DESTINY !**

(ମୁଖ୍ୟ ଉପାସନାଳୟରେ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍‌ଙ୍କ ବାର୍ତ୍ତା)

ଏହି ଜଗତରେ ସମସ୍ତେ ସେମାନଙ୍କ ପ୍ରତି ଉତ୍ତମ ବିଷୟ ଘଟୁ – ଅନପେକ୍ଷିତ କିମ୍ବା ଅପେକ୍ଷିତ ଆଶୀର୍ବାଦ ବର୍ଷୁ ବୋଲି ଇଚ୍ଛା କରନ୍ତି । ପଦୋନ୍ନତି ଚାହାଁନ୍ତି ! ମାତ୍ର ପ୍ରତ୍ୟେକଙ୍କ ନିକଟରେ ଈଶ୍ୱରଙ୍କଠାରୁ ଏକ ଅସାଧାରଣ ଆହ୍ବାନ ଥାଏ ଓ ସେ ପ୍ରତ୍ୟେକଙ୍କୁ ଭିନ୍ନ ଭିନ୍ନ ମାର୍ଗରେ କଢ଼ାଇ ନିଅନ୍ତି । ଆମର ଆହ୍ବାନ ଭିନ୍ନ ହୋଇପାରେ, ମାତ୍ର ଠିକ୍ ସମୟରେ ଆମେ ଯେଉଁ ନିଷ୍ପତ୍ତି ନେଉ, ତାହା ଆମର ଲକ୍ଷ୍ୟସ୍ଥଳ ନିର୍ଣ୍ଣୟ କରେ । ଏହି ସତ୍ୟ ଅନେକ ଲୋକଙ୍କ ଜୀବନରେ ଘଟିଛି ବୋଲି ଆମେ ଅଧ୍ୟୟନ କରିଛୁ । ଆସନ୍ତୁ, ଆମେ ଭାବବାଦୀ ଏଲିୟ, ଇଲୀଶାୟ ଓ ଇଲୀଶାୟଙ୍କର ସେବକ ଗିହେଜୀର ଜୀବନରୁ ଅଧ୍ୟୟନ କରିବା । ଏମାନେ ସମସ୍ତେ ସମସାମୟିକ ଥିଲେ ।

### କ. ଭାବବାଦୀ ଏଲିୟ

ଏଲିୟ ଖ୍ରୀ:ପୂ: ୯୧୦–୮୯୬ ମଧ୍ୟରେ ବାସ କରୁଥିଲେ । ସେ ଗିଲିୟଦ ଅଞ୍ଚଳର ଜଣେ ତିଷବୀୟ ଥିଲେ । ଜଣେ ଭାବବାଦୀ ହେବା ପାଇଁ ସେ ସଦାପ୍ରଭୁଙ୍କ ଦ୍ୱାରା ପୂର୍ବ ନିରୂପିତ ଓ ଆହ୍ବାନପ୍ରାପ୍ତ ଥିଲେ । ବାଇବଲ ତାଙ୍କର ଜନ୍ମ କିମ୍ବା ପରିବାର ବିଷୟରେ କୌଣସି ସୂଚନା ପ୍ରଦାନ କରି ନାହିଁ ।

'ଏଲିୟ' ନାମର ଅର୍ଥ ''ଯିହୋବା ମୋର ପରମେଶ୍ୱର ଅଟନ୍ତି ।'' ଯେତେବେଳେ ଆମେ ସାମୂହିକ ଭାବରେ ଏଲିୟଙ୍କ ଜୀବନ ପ୍ରତି ଦୃଷ୍ଟିପାତ କରୁ, ସେତେବେଳେ ଆମେ ଏହା ଲକ୍ଷ୍ୟ କରୁ ଯେ ଯେଉଁ ସଦାପ୍ରଭୁ ତାଙ୍କୁ ଆହ୍ବାନ କରିଥିଲେ, ସେ ହିଁ ଶେଷରେ ତାଙ୍କୁ ସ୍ୱର୍ଗକୁ ମଧ୍ୟ ନେଇଥିଲେ । ସେ ମୃତ୍ୟୁର ଅନୁଭୂତି ପାଇ ନ ଥିଲେ । ତାଙ୍କୁ ସମାଧି ଦିଆଯାଇ ନ ଥିଲା । ପୁଣି ପୃଥିବୀରେ ଥିବା ସମୟରେ, ସେ ଜଣେ ସନ୍ୟାସୀ ଭାବରେ ଜୀବନ କାଟୁଥିଲେ ଓ ପଶୁଲୋମ ନିର୍ମିତ ବସ୍ତ୍ର ପିନ୍ଧୁଥିଲେ ଓ ଅଣ୍ଟାରେ ଏକ ପଟୁକା ବାନ୍ଧୁଥିଲେ ।

ଜଙ୍ଗଲରେ ବାସ କରୁଥିବା ଓ ଏକ ପବିତ୍ର ଜୀବନ କାଟୁଥିବା ଏହି ବ୍ୟକ୍ତିଙ୍କୁ ସଦାପ୍ରଭୁ ଦେଖିଥିଲେ ଓ ତାଙ୍କର ବିସ୍ମୟଜନକ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ତାଙ୍କୁ ମନୋନୀତ କରିଥିଲେ । ଈଶ୍ୱରଙ୍କ ମନୋନୟନ ମନୁଷ୍ୟର ଶିକ୍ଷାଗତ ଯୋଗ୍ୟତା କିମ୍ବା ଅର୍ଥନୈତିକ କିମ୍ବା ପାରିବାରିକ ପୃଷ୍ଠଭୂମି ଉପରେ ଆଧାରିତ ଥିଲା । ଏଲିୟ ସର୍ବଦା ଈଶ୍ୱରଙ୍କ ସ୍ୱର ଶୁଣିବା ପାଇଁ ଓ ପ୍ରଭୁ ଯାହା କହୁଥିଲେ, ତାହା କରିବା ପାଇଁ ସର୍ବଦା ପ୍ରସ୍ତୁତ ଥିଲେ – ଏହା ହିଁ ତାଙ୍କର ଏକମାତ୍ର ଯୋଗ୍ୟତା ଥିଲା । ପୁଣି ଈଶ୍ୱର ତାଙ୍କୁ ଗୋଟିଏ ଭାବବାଦୀରେ ପରିଣତ କରିଥିଲେ । ସେତେବେଳେ ରାଜା ଆହାବ୍ ଓ ରାଜା ଅହସିୟ ଇସ୍ରାଏଲ ଓ ଯିହୁଦା ଉପରେ ରାଜତ୍ୱ କରୁଥିଲେ । ଆହାବ ଅମ୍ରିଙ୍କର ପୁତ୍ର ଥିଲେ ଓ ସେ ତାଙ୍କ ପୂର୍ବବର୍ତ୍ତୀ


(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

# ECHO OF HIS CALL - (1969-2019 GOLDEN JUBILEE YEAR)

(ECHO GROUP)

## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...





"ସଦାପ୍ରଭୁ କୃପାବାନ୍ ଓ ସ୍ନେହଶୀଳ,
କ୍ରୋଧରେ ଧୀର ଓ ଦୟାରେ ମହାନ୍"
(ଗୀତସଂହିତା ୧୪୫:୮) ।

**ପ୍ରଭୁରେ ପ୍ରିୟ ବନ୍ଧୁଗଣ,**

*ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ମଧୁର ନାମରେ ଆପଣମାନଙ୍କୁ ଅଭିବାଦନ ଜଣାଉଅଛୁ ।*

*ଆମର ବିଭିନ୍ନ ସେବାକାର୍ଯ୍ୟ ଓ ସେବକମାନଙ୍କ ପ୍ରତି ଆପଣମାନଙ୍କର ପ୍ରେମ ଓ ଯତ୍ନ ନିମନ୍ତେ ଆମେ ଆପଣମାନଙ୍କ ନିକଟରେ କୃତଜ୍ଞ ଅଟୁ । ଆମେ ଆପଣମାନଙ୍କର ପ୍ରେମ ଯୋଗୁ ବହୁ ଭାବରେ ଉତ୍ସାହିତ ହେଉଅଛୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।*

*ଆମ ନିହିମିୟା ବାଇବଲ କଲେଜର ସଭାପତି, ପାଳକ ଏମ୍.ମୁଥୁଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଘଟୁଅଛି । ଆମେ ଆମର ସେହି ବନ୍ଧୁମାନଙ୍କୁ ଧନ୍ୟବାଦ ଦେଉଅଛୁ ଯେଉଁମାନେ ତାଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି । ଦୟାକରି ପ୍ରାର୍ଥନା କରିବା ଅବ୍ୟାହତ ରଖନ୍ତୁ ।*

*ଆପଣମାନେ ଜାଣିଛନ୍ତି ଯେ ଆମେ* ***"ଆହ୍ୱାନର ପ୍ରତିଧ୍ୱନି"*** *ପତ୍ରିକାର ଉନ୍ନତି କାର୍ଯ୍ୟରେ ଅତିରିକ୍ତ ବ୍ୟସ୍ତ ଅଛୁ । ଆମେ ଆମର ଅନ୍ୟାନ୍ୟ କାର୍ଯ୍ୟ, ଯଥା – ହିନ୍ଦୀ/ଓଡ଼ିଆ ଓ ତାମିଲ ଭାଷାରେ ନିହିମିୟା ବାଇବଲ କଲେଜ, ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ମଣ୍ଡଳୀସମୂହ, ଇତ୍ୟାଦି ବିଷୟରେ ମଧ୍ୟ ଯତ୍ନଶୀଳ ଅଟୁ । ଈଶ୍ୱର ଚେନ୍ନାଇ ସହରର ଭିତରେ ଓ ବାହାରେ ଆମର ସମସ୍ତ କାର୍ଯ୍ୟ ଓ ଯାତ୍ରା ଉପରେ ଆଶୀର୍ବାଦ କରୁଛନ୍ତି । ଆମେ ଏହି ମାସ ଅତି କାର୍ଯ୍ୟ ବ୍ୟସ୍ତ ଥିବାରୁ, ଆସନ୍ତା ମାସରେ* ***"ଗର୍ତ୍ତରୁ ରାଜପ୍ରାସାଦ"*** *ମାଧ୍ୟମରେ ଦିଆଯାଉଥିବା ଆମର ବାର୍ତ୍ତାକୁ ଅବ୍ୟାହତ ରଖିବୁ ।*

*ଆହୁରି ମଧ୍ୟ, ୨୦୨୨ ମଇ ୨୫ରେ ଆମର ପ୍ରିୟ ଭାଇ ଓ ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (ଇଂରାଜୀ)ର ବରିଷ୍ଠ ସହଯୋଗୀ ସଂପାଦକ ପ୍ରଭୁଙ୍କ କୋଳକୁ ଚାଲି ଯାଇଛନ୍ତି । ଦୟାକରି ତାଙ୍କ ପରିବାରବର୍ଗଙ୍କୁ ଆପଣଙ୍କର ପ୍ରାର୍ଥନାରେ ସ୍ମରଣ କରନ୍ତୁ । ସେ ଅସୁସ୍ଥ ଥିବା ସମୟରେ ଆପଣମାନେ ତାଙ୍କ ପାଇଁ ବିଶେଷ ପ୍ରାର୍ଥନା କରିଥିବାରୁ ଆମେ ଆପଣମାନଙ୍କୁ ଧନ୍ୟବାଦ ଜଣାଉଅଛୁ ।*

*ଈଶ୍ୱରଙ୍କ ଅନୁଗ୍ରହରୁ, ଆମ ନିହିମିୟା ବାଇବଲ କଲେଜର ୨୩ ତମ ଉପାଧି ପ୍ରଦାନ ଉତ୍ସବ ୨୦୨୨ ଜୁନ୍ ୩ ତାରିଖରେ ଅନୁଷ୍ଠିତ ହୋଇଥିଲା । ୨୩ ଜଣ ଛାତ୍ର ସ୍ନାତକ ଉପାଧି ପାଇଥିଲେ ଓ ଭାରତର ଅପହଞ୍ଚ ଅଞ୍ଚଳରେ ସୁସମାଚାର ପ୍ରଚାର କରିବା ପାଇଁ ମିଶନ୍ କାର୍ଯ୍ୟ ନିମନ୍ତେ ପୃଥକ୍ ହୋଇଥିଲେ ।*

*ଈଶ୍ୱରଙ୍କ ଅନୁଗ୍ରହରୁ, ଆମର ନିହିମିୟା ବାଇବଲ କଲେଜ (ତାମିଲ୍‌ରେ ସନ୍ଧ୍ୟାକାଳୀନ ପାଠ୍ୟକ୍ରମ ଓ ହିନ୍ଦୀ/ଓଡ଼ିଆରେ ଆବାସିକ ପାଠ୍ୟକ୍ରମ) ନିର୍ଦ୍ଧାରିତ ସମୟ ଅନୁସାରେ ୨୦୨୨ ଜୁନ୍ ୬ ତାରିଖରେ ଖୋଲିବ ଓ ପାଠ ପଢ଼ା ସଂପୂର୍ଣ୍ଣ ଭାବରେ ଆରମ୍ଭ ହେବ । ସେହିପରି, ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ମଧ୍ୟ ୨୦୨୨ ଜୁନ୍ ୧୩ ତାରିଖରେ ଖୋଲିବ । ଦୟାକରି ଏହି ଅନୁଷ୍ଠାନଗୁଡ଼ିକର ସଫଳତା ପାଇଁ ପ୍ରାର୍ଥନା କରନ୍ତୁ ।*

*ଏହି ଦିନ ଗୁଡ଼ିକରେ, ଆମେ ଆମର ସହକର୍ମୀମାନଙ୍କର ସମସ୍ତ ପରିବାରବର୍ଗଙ୍କ ପାଇଁ ଅଧିକରୁ ଅଧିକ ପ୍ରାର୍ଥନା କରିବାକୁ ଆପଣମାନଙ୍କୁ ଅନୁରୋଧ କରୁଅଛୁ କାରଣ ଆମ ପରିବାରଗୁଡ଼ିକର କେତେକ ସଦସ୍ୟ ଶାରୀରିକ ଭାବେ ଈଶ୍ୱରଙ୍କ ସ୍ପର୍ଶ ଆବଶ୍ୟକ କରୁଛନ୍ତି ।*

*ଦୟାକରି, ଈଶ୍ୱରଙ୍କ ରାଜ୍ୟ ବୃଦ୍ଧି ପାଇଁ ଆମର ବହୁମୁଖୀ ସେବାକାର୍ଯ୍ୟର ଆବଶ୍ୟକତାଗୁଡ଼ିକୁ ସ୍ମରଣ କରନ୍ତୁ । ଈଶ୍ୱର ଆଗାମୀ ଦିନଗୁଡ଼ିକରେ ଆପଣମାନଙ୍କୁ ବହୁଳଭାବେ ଆଶୀର୍ବାଦ କରନ୍ତୁ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**

(+91) 98412 71858 / 98410 71858, E.mail : samselvaraj333@gmail.com

### ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

**CHIEF EDITOR**

Angeline Selvakumari Henry, M.A., M.Ed.

**MANAGING EDITOR**

Pastor Alex Samson Sam, B.Th., M.Div.

**ADMINISTRATION**

Bro. N. Prakasam, M.A., General Manager

**EDITORIAL BOARD**

Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M.Phil., B.Ed.

**EDITOR, PUBLISHER & PRINTER**

Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858

**E.mail ID**

sam@echoofhiscall.org
biblecor@yahoo.co.in

**WEBSITES**

www.echoofhiscall.org
www.stpaulsmatriculation.com

**YOUTUBE CHANNEL**

Echo of His Call

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ରାଜାମାନଙ୍କ ତୁଳନାରେ ସଦାପ୍ରଭୁଙ୍କ ଦୃଷ୍ଟିରେ ଅଧିକ ମନ୍ଦ କାର୍ଯ୍ୟ କରୁଥିଲେ । ସେ ନେବଟ୍‌ର ପୁତ୍ର ଯାରବିୟାମଙ୍କ ସଦୃଶ ପାପ କରିବା ବିଷୟକୁ ଏକ ସାମାନ୍ୟ ବିଷୟ ବୋଲି ବିଚାର କରୁଥିଲେ ଓ ତତ୍ ସଙ୍ଗେ ସଙ୍ଗେ ସିଦୋନୀୟମାନଙ୍କର ରାଜା ଇଥ୍‌ବାଲ୍‌ଙ୍କ କନ୍ୟା ଈଷେବଲଙ୍କୁ ବିବାହ କରି ବାଲ୍ ଦେବତାର ସେବା ଓ ଉପାସନା ଆରମ୍ଭ କରିଥିଲେ । ସେ ଶମରିୟାରେ ବାଲ୍‌ଦେବତାର ମନ୍ଦିର ମଧ୍ୟରେ ଏକ ବେଦୀ ସ୍ଥାପନ କରିଥିଲେ (୧ ରାଜାବଳି ୧୬:୩୦-୩୨) । ଜଣେ ଇସ୍ରାଏଲୀୟ ରାଜା ସ୍ୱର୍ଗ ଓ ମର୍ତ୍ତ୍ୟର ପରମେଶ୍ୱରଙ୍କର ଉପାସନା କରିବା ପରିବର୍ତ୍ତେ, ଗୋଟିଏ ବିଦେଶୀୟ ଦେବତାକୁ ପୂଜା କରୁଥିଲେ ।

## ୧. ଏଲିୟ ବର୍ଷା ହେବ ନାହିଁ ବୋଲି କହିଥିଲେ ଓ ବର୍ଷା ହୋଇ ନ ଥିଲା :

ଏଲିୟ ଈଶ୍ୱରଙ୍କ ବାର୍ତ୍ତାକୁ ନେଇ ରାଜା ଆହାବଙ୍କୁ ଜଣାଇଥିଲେ, ଏହି କେତେକ ବର୍ଷ କାକର କି ବୃଷ୍ଟି ପଡ଼ିବ ନାହିଁ, କେବଳ ମୋ' ବାକ୍ୟାନୁସାରେ ହେବ ।'' ସେ ଯେପରି କହିଥିଲେ, ସେହିପରି ତିନି ବର୍ଷ ଓ ଛ' ମାସ ଧରି ବୃଷ୍ଟିପାତ ହୋଇ ନ ଥିଲା । ସେ ରାଜାଙ୍କ ସମ୍ମୁଖକୁ ଯିବା ପାଇଁ ଓ ସଦାପ୍ରଭୁ ଯାହା କହିଥିଲେ, ତାହା କହିବା ପାଇଁ ଭୟ କରି ନ ଥିଲେ ।

ଏଲିୟ ଜଣେ ପବିତ୍ର ଓ ଧାର୍ମିକ ବ୍ୟକ୍ତି ଥିଲେ ଓ ଈଶ୍ୱରଙ୍କ ଉପରେ ତାଙ୍କର ଅଗାଧ ବିଶ୍ୱାସ ଥିଲା । ସେ ନିର୍ଭୀକ ଥିଲେ ଓ ପରିଣତିକୁ ଆଦୌ ଭୟ କରୁ ନ ଥିଲେ ।

## ୨. ସେ ଜଣେ ଆଜ୍ଞାବହ ଭାବବାଦୀ ଥିଲେ :

ଈଶ୍ୱର ଏଲିୟଙ୍କୁ କହିଥିଲେ, ''ତୁମ୍ଭେ ଏଠାରୁ ଯାଇ ପୂର୍ବ ଦିଗକୁ ଫେରି ଯର୍ଦ୍ଦନ ସମ୍ମୁଖସ୍ଥ କରୀତ୍ ନଦୀ ନିକଟରେ ଆପଣାକୁ ଲୁଚାଅ...'' (୧ ରାଜାବଳି ୧୭:୩) । ସଦାପ୍ରଭୁ ଯେଉଁ ସ୍ଥାନକୁ ଯିବାକୁ କହିଥିଲେ, ସେହି ସ୍ଥାନକୁ ସେ ଯାଇଥିଲେ । ପ୍ରଭୁଙ୍କ ପ୍ରତିଜ୍ଞାନୁସାରେ, କାଉମାନେ ସକାଳେ ଓ ସନ୍ଧ୍ୟାରେ ତାଙ୍କ ନିକଟକୁ ରୋଟୀ ଓ ମାଂସ ଆଣୁଥିଲେ । ଦୀର୍ଘ ଦିନ ଧରି ବର୍ଷା ନ ହେବାରୁ, ସେଠିକାର ନଦୀ ଶୁଖିଗଲା । ଏହାପରେ ଈଶ୍ୱର ତାଙ୍କୁ କହିଥିଲେ, ''ଉଠ, ସୀଦୋନର ସାରିଫତ୍‌କୁ ଯାଇ ସେଠାରେ ବାସ କର । ଦେଖ, ଆମ୍ଭେ ସେଠାସ୍ଥିତ ଏକ ବିଧବା ସ୍ତ୍ରୀକୁ ତୁମ୍ଭକୁ ପ୍ରତିପୋଷଣ କରିବା ପାଇଁ ଆଜ୍ଞା ଦେଇଅଛୁ ।'' ଏଲିୟ ଏହି ଆଦେଶ ପାଳନ କରିଥିଲେ । ସାରୀଫତ୍‌ରେ, ସେ ଗୋଟିଏ ବିଧବାଙ୍କୁ ସାକ୍ଷାତ୍ କରି ତାଙ୍କୁ ରୋଟୀ ଓ ଜଳ ମାଗିଥିଲେ । ତାଙ୍କ ପାଖରେ ଅଳ୍ପ କିଛି ଥିଲେ ସୁଦ୍ଧା, ସେ ତାଙ୍କୁ ତାହା ଦେଇଥିଲେ । ସେଥିପାଇଁ, ସେ ପ୍ରଚୁର ଆଶୀର୍ବାଦ ପାଇଥିଲେ । ପରେ, ତାଙ୍କର ପୁତ୍ର ମୃତ୍ୟୁବରଣ କରିବାରୁ ଏଲିୟ ତାକୁ ଜୀବିତ କରିଥିଲେ ।

## ୩. ସେ ଜଣେ ସାହସୀ ଭାବବାଦୀ ଥିଲେ (୧ ରାଜାବଳି ୧୮:୧୮-୩୯) :

ଏହାପରେ ଈଶ୍ୱର ଏଲିୟଙ୍କୁ ରାଜା ଆହାବଙ୍କ ସମ୍ମୁଖକୁ ପ୍ରେରଣ କଲେ । ଏଲିୟ କର୍ମିଲ ପର୍ବତ ଉପରେ ଇସ୍ରାଏଲର ସମସ୍ତ ଲୋକଙ୍କୁ ଓ ବାଲ୍‌ଦେବତାର ୪୫୦ ଭାବବାଦୀଙ୍କୁ ଓ ଅଷ୍ଟାରୋତ୍ ଦେବୀର ୪୦୦ ଭାବବାଦୀଙ୍କୁ ଏକତ୍ରିତ କରିବା ପାଇଁ ରାଜାଙ୍କୁ କହିଲେ । ଏଲିୟ ଲୋକମାନଙ୍କୁ ପଚାରିଲେ, ''ତୁମ୍ଭେମାନେ କେତେ କାଳ ଦୁଇ ମତ ମଧ୍ୟରେ ସନ୍ଦିଗ୍ଧ ହୋଇ ରହିବ ? ସଦାପ୍ରଭୁ ଯେବେ ପରମେଶ୍ୱର ହୁଅନ୍ତି, ତେବେ ତାହାଙ୍କର ଅନୁଗାମୀ ହୁଅ, ମାତ୍ର ଯେବେ ବାଲ୍, ତେବେ ତାହାର ଅନୁଗାମୀ ହୁଅ ।'' ଏଲିୟ ଆହୁରି ମଧ୍ୟ କହିଲେ, ''ଏହେତୁ ସେମାନେ ଆମ୍ଭମାନଙ୍କୁ ଦୁଇ ବୃଷ ଦିଅନ୍ତୁ, ଆଉ ସେମାନେ ଆପଣାମାନଙ୍କ ପାଇଁ ଗୋଟିଏ ବୃଷ ପସନ୍ଦ କରନ୍ତୁ ଓ ତାହା ଖଣ୍ଡ ଖଣ୍ଡ କରି କାଷ୍ଠ ଉପରେ ରଖନ୍ତୁ, ମାତ୍ର ତଳେ ଅଗ୍ନି ନ ଦିଅନ୍ତୁ । ଆଉ ମୁଁ ଅନ୍ୟ ବୃଷଟିକୁ ପ୍ରସ୍ତୁତ କରି କାଷ୍ଠ ଉପରେ ରଖିବି, ମାତ୍ର ତଳେ ଅଗ୍ନି ଦେବି ନାହିଁ । ତହୁଁ ତୁମ୍ଭେମାନେ ଆପଣାମାନଙ୍କ ଦେବତା ନାମରେ ଡାକି ପ୍ରାର୍ଥନା କର, ପୁଣି ମୁଁ ସଦାପ୍ରଭୁଙ୍କ ନାମରେ ଡାକି ପ୍ରାର୍ଥନା କରିବି, ତହିଁରେ ଯେ ଅଗ୍ନି ଦ୍ୱାରା ଉତ୍ତର ଦେବେ, ସେ ପରମେଶ୍ୱର ହେଉନ୍ତୁ ।'' ଏଥିରେ ସମସ୍ତ ଲୋକ ଉତ୍ତର କଲେ, 'ଏକଥା ଉତ୍ତମ ।' ଏଥି ଉତ୍ତାରେ ଏଲିୟ ବାଲ୍‌ର ଭବିଷ୍ୟଦ୍‌ବକ୍ତାମାନଙ୍କୁ କହିଲେ, ''ତୁମ୍ଭେମାନେ ଆପଣାମାନଙ୍କ ପାଇଁ ଏକ ବୃଷ ପସନ୍ଦ କରି ପ୍ରଥମେ ତାହା ପ୍ରସ୍ତୁତ କର, କାରଣ ତୁମ୍ଭେମାନେ ଅନେକ, ଆଉ ତୁମ୍ଭେମାନେ ଆପଣାମାନଙ୍କ ଦେବତା ନାମରେ ଡାକି ପ୍ରାର୍ଥନା କର, ମାତ୍ର ତଳେ ଅଗ୍ନି ନ ଦିଅ ।'' ତହୁଁ ସେମାନେ ସେମାନଙ୍କର ବୃଷ ନେଇ ତାହା ପ୍ରସ୍ତୁତ କଲେ, ପୁଣି ପ୍ରାତଃ କାଳରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବାଲ୍ ନାମରେ ଡାକି ପ୍ରାର୍ଥନା କରି କହିଲେ, 'ହେ ବାଲ୍, ଆମ୍ଭମାନଙ୍କ କଥା ଶୁଣ ।' ମାତ୍ର କୌଣସି ରବ ଶୁଣାଗଲା ନାହିଁ, ଆଉ କେହି ଉତ୍ତର ଦେଲା ନାହିଁ । ତହିଁରେ ସେମାନେ ସେହି ନିର୍ମିତ ଯଜ୍ଞ ବେଦିର ଚାରିଆଡ଼େ ନାଚିଲେ । ପୁଣି ସେମାନେ ଉଚ୍ଚ ସ୍ୱର କରି ଡାକିଲେ ଓ ଆପଣାମାନଙ୍କ ବ୍ୟବହାରାନୁସାରେ ଦେହରୁ ରକ୍ତ ବହିଯିବା ପର୍ଯ୍ୟନ୍ତ ସେମାନେ ଛୁରୀ ଓ ବର୍ଚ୍ଛାରେ ଆପଣାମାନଙ୍କୁ କ୍ଷତବିକ୍ଷତ କଲେ । ମାତ୍ର କୌଣସି ରବ ଶୁଣାଗଲା ନାହିଁ କିମ୍ବା କେହି ଉତ୍ତର ଦେଲା ନାହିଁ । ଏହାପରେ ସେମାନେ ପରାଜୟ ସ୍ୱୀକାର କରିଥିଲେ ।

ଏଲିୟ ପଥରସବୁ ନେଇ ସଦାପ୍ରଭୁଙ୍କ ନାମରେ ଗୋଟିଏ ଯଜ୍ଞବେଦୀ ନିର୍ମାଣ କରିଥିଲେ ଓ ସେହି ବେଦୀର ଚାରିଆଡ଼େ ଗୋଟିଏ ଗଭୀର ଖାଇ ଖୋଳାଇଲେ । ଏହାପରେ ସେ କାଷ୍ଠ ସଜାଇ, ବୃଷକୁ ଖଣ୍ଡ ଖଣ୍ଡ କରି କାଟି କାଷ୍ଠ ଉପରେ ରଖିଲେ ଓ କହିଲେ, ''ଚାରି କଳସ ଜଳରେ ପୂର୍ଣ୍ଣ କରି ହୋମାର୍ଥକ ବଳି ଓ କାଷ୍ଠ ଉପରେ ତାହା ଢ଼ାଳ ।'' ପୁଣି ସେ କହିଲେ, ''ଦ୍ୱିତୀୟ ଥର ତାହା କର'' ଓ ସେମାନେ ଦ୍ୱିତୀୟଥର ତାହା କଲେ । ଆହୁରି ସେ କହିଲେ, ''ତୃତୀୟ ଥର ତାହା କର'', ତହୁଁ ସେମାନେ ତୃତୀୟ ଥର ତାହା କଲେ । ତହିଁରେ ଯଜ୍ଞ ବେଦୀର ଚାରିଆଡ଼େ ଜଳ ବହିଗଲା, ଏଲିୟ ଖାଇକୁ ମଧ୍ୟ ଜଳରେ ପୂର୍ଣ୍ଣ କଲେ ।

ଏଥିଉତ୍ତାରେ ସନ୍ଧ୍ୟାକାଳୀନ ବଳିଦାନ ଉତ୍ସର୍ଗ କରିବା ସମୟରେ, ଏଲିୟ ଭବିଷ୍ୟଦ୍‌ବକ୍ତା ନିକଟବର୍ତ୍ତୀ ହୋଇ କହିଲେ, ''ହେ ସଦାପ୍ରଭୁ, ଅବ୍ରହାମ୍‌ର ଓ ଇସ୍‌ହାକ୍‌ର ଓ ଇସ୍ରାଏଲର ପରମେଶ୍ୱର, ତୁମ୍ଭେ ଯେ ଇସ୍ରାଏଲ ମଧ୍ୟରେ ପରମେଶ୍ୱର ଅଟ ଓ ମୁଁ ଯେ ତୁମ୍ଭର ସେବକ ଓ ମୁଁ ଯେ ତୁମ୍ଭ ବାକ୍ୟ ପ୍ରମାଣେ ଏହିସବୁ କାର୍ଯ୍ୟ କରିଅଛି, ଏହା ଆଜି ଜଣାଯାଉ ।'' (୧ ରାଜାବଳି ୧୮:୩୬) ।

ସେତେବେଳେ ସଦାପ୍ରଭୁଙ୍କ ଅଗ୍ନି ପତିତ ହୋଇ ହୋମାର୍ଥକ ବଳି ଓ କାଷ୍ଠ ଓ ପ୍ରସ୍ତର ସବୁ ଓ ଧୂଳି ଗ୍ରାସ କରି ଖାଇରେ ଥିବା ଜଳ ଚାଟି ପକାଇଲା । ଏଥିରେ ସମଗ୍ର ଲୋକ ଏହା ଦେଖି ମୁହଁ ମାଡ଼ି ପଡ଼ି କହିଲେ, ''ସଦାପ୍ରଭୁ ହିଁ ପରମେଶ୍ୱର, ସଦାପ୍ରଭୁ ହିଁ ପରମେଶ୍ୱର ଅଟନ୍ତି ।'' ଏଲିୟ ଇସ୍ରାଏଲର ଦ୍ୱିମନା ଲୋକମାନଙ୍କ ସମ୍ମୁଖରେ ଆକାଶରୁ ଅଗ୍ନି ଆଣି, ପ୍ରମାଣ କରିଥିଲେ ଯେ, ''ସଦାପ୍ରଭୁ ପରମେଶ୍ୱର ଅଟନ୍ତି ।''

ଆମ ସମୟରେ, ଈଶ୍ୱରଙ୍କର ଏହିପରି ଦାସ ଓ ଭାବବାଦୀମାନେ ବିରଳ ଅଟନ୍ତି । ଆଜିକାଲି, କୌଣସି ଆଶ୍ଚର୍ଯ୍ୟକର୍ମ ଘଟିବା ସମୟରେ କିମ୍ବା କୌଣସି ଭାବବାଣୀ ସଫଳ ହେବା ସମୟରେ, ଈଶ୍ୱରଙ୍କ କୌଣସି ଦାସ ତାଙ୍କ ପ୍ରାର୍ଥନା ଯୋଗୁ ଏହା ଘଟିଅଛି ବୋଲି ଦାବୀ କରିବାର ଦେଖିବାକୁ ମିଳୁ ନାହିଁ କି ? ଈଶ୍ୱରଙ୍କର ସେହି ପ୍ରକାର ଦାସମାନେ ସେମାନଙ୍କ କ୍ୟାମେରା ଦଳ ଓ ସେମାନଙ୍କର ଗଣମାଧ୍ୟମ ଯନ୍ତ୍ରପାତି ସହିତ ସେହି ପରିବାର ନିକଟରେ ରୁଣ୍ଡ ହେଉ ନାହାଁନ୍ତି କି, ଯେଉଁଠାରେ ଆଶ୍ଚର୍ଯ୍ୟକର୍ମ ଘଟିଥିଲା ? ସେମାନେ ଏହାକୁ ବ୍ୟବସାୟରେ ପରିଣତ କରୁ ନାହାଁନ୍ତି କି ? ଯେଉଁ ଲୋକମାନେ ଏହି ପ୍ରକାର ବ୍ୟବସାୟୀ ଭାବବାଦୀମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି, ସେମାନଙ୍କର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଈଶ୍ୱର ହିଁ ଆଶ୍ଚର୍ଯ୍ୟକର୍ମ ସାଧନ କରନ୍ତି । ଯୀଶୁ କହିଥିଲେ, ''ତୁମ୍ଭେମାନେ ବିନା ମୂଲ୍ୟରେ ପାଇଅଛ, ବିନା ମୂଲ୍ୟରେ ଦାନ କର'' (ମାଥିଉ ୧୦:୮) ।

## ଖ. ଭାବବାଦୀ ଇଲୀଶାୟ

ସଦାପ୍ରଭୁ ଯେପରି କହିଥିଲେ, ସେହିପରି ଇଲୀଶାୟ ଯେତେବେଳେ ୧୨ ଯୋଡ଼ା ବଳଦ ନେଇ ହଳ କରୁଥିଲେ, ସେତେବେଳେ ଏଲୀୟ ଭାବବାଦୀ ତାଙ୍କୁ ସାକ୍ଷାତ କଲେ ଓ ଇଲୀଶାୟଙ୍କ ଉପରେ ନିଜର ଚାଦର ଫିଙ୍ଗି ଦେଲେ (୧ ରାଜାବଳି ୧୯:୧୯) । ଏଲିୟ ଜୀବିତାବସ୍ଥାରେ ପ୍ରଭୁଙ୍କ ଦ୍ୱାରା ନୀତ ହେବା ପରେ, ଇଲୀଶାୟ ଯୋରାମ, ଯେହୁ

ଓ ଯୋୟାସ ରାଜାମାନଙ୍କ ରାଜତ୍ୱ ସମୟରେ ମହା–ଆଶ୍ଚର୍ଯ୍ୟକର୍ମ ସାଧନକାରୀ ଭାବବାଦୀରେ ପରିଣତ ହୋଇଥିଲେ ।

ଏଲିୟଙ୍କ ଅଧୀନରେ ଇଲୀଶାୟଙ୍କ ତାଲିମ ଅତି କଷ୍ଟକର ଥିଲା । ଯେକେହି ସ୍ୱେଚ୍ଛାରେ କଷ୍ଟପୂର୍ଣ୍ଣ କାର୍ଯ୍ୟ ଓ କଠିନ ତାଲିମ ମଧ୍ୟରେ ନିଜକୁ ଅନ୍ତର୍ଭୁକ୍ତ କରେ, କେବଳ ସେ ଈଶ୍ୱରଙ୍କର ଏକ ଉତ୍ତମ ସେବକ ହୋଇପାରେ । ଯେଉଁମାନେ କଠିନ ପରିଶ୍ରମ, ଯଥାର୍ଥ ତାଲିମ ଓ ସଠିକ୍ କାର୍ଯ୍ୟକଳାପ ନିକଟରେ ନିଜକୁ ସମର୍ପଣ କରନ୍ତି ନାହିଁ, ସେମାନେ କୌଣସି ମହତ୍ ବିଷୟ ସାଧନ କରିପାରନ୍ତି ନାହିଁ । ଯେଉଁମାନେ ଭାବନ୍ତି ଯେ କେବଳ ରବିବାର ଉପାସନାରେ ଯୋଗ ଦେବା ଦ୍ୱାରା ସେମାନେ ଗୋଟିଏ ବଡ଼ ବଳିଦାନ ଦେଉଛନ୍ତି, ସେମାନେ ଈଶ୍ୱରଙ୍କର ମହାନ୍ ଦାସ ହୋଇପାରିବେ ନାହିଁ ।

## ୧. ଇଲୀଶାୟ ସେହି ବ୍ୟକ୍ତିଙ୍କ ସହିତ ଏକ ହୋଇଥିଲେ ଯିଏ ତାଙ୍କୁ ସେବାକାର୍ଯ୍ୟ ପ୍ରତି ଆହ୍ୱାନ କରିଥିଲେ :

ଏଲିୟ ଓ ଇଲୀଶାୟ ଗିଲ୍‌ଗଲ୍‌ରେ ସେବାକାର୍ଯ୍ୟ କରୁଥିବା ସମୟରେ, ଏଲିୟ ହଠାତ୍ ଇଲୀଶାୟଙ୍କୁ କହିଥିଲେ, ‘‘ମୁଁ ବିନୟ କରୁଅଛି, ତୁମ୍ଭେ ଏଠାରେ ଥାଅ, କାରଣ ସଦାପ୍ରଭୁ ମୋତେ ବୈଥେଲ ପର୍ଯ୍ୟନ୍ତ ପଠାଇ ଅଛନ୍ତି ।’’ ମାତ୍ର ଇଲୀଶାୟ ନିଜର ନେତାଙ୍କୁ ନ ଛାଡ଼ିବା ପାଇଁ ଅତି ଦୃଢ଼ ଥିଲେ । ସେଥିପାଇଁ ସେ ଉତ୍ତର ଦେଲେ, ‘‘ସଦାପ୍ରଭୁ ଜୀବତ୍ ଥିବା ପ୍ରମାଣେ ଓ ଆପଣଙ୍କ ପ୍ରାଣ ଜୀବତ୍ ଥିବା ପ୍ରମାଣେ ମୁଁ ଆପଣଙ୍କୁ ଛାଡ଼ିବି ନାହିଁ ।’’ ଏହିପରି ଭାବରେ ଏଲିୟ ଯେଉଁ ସ୍ଥାନକୁ ଗଲେ, ସେ ତାଙ୍କୁ ଅନୁସରଣ କରୁଥିଲେ ।

ଏହିପରି ଭାବରେ, ସେମାନେ ବୈଥଲକୁ ଓ ବୈଥେଲ୍‌ରୁ ଯିରୀହୋକୁ ଓ ଯିରୀହୋରୁ ଯର୍ଦ୍ଦନକୁ ଗଲେ । ଏହି ସବୁ ସ୍ଥାନରେ, ଏଲିୟ ତାଙ୍କର ସେବକଙ୍କୁ ଏକାକୀ ଛାଡ଼ି ଦେବାକୁ ଚେଷ୍ଟା କରିଥିଲେ । ମାତ୍ର ଇଲିଶାୟ କ୍ଷଣକ ପାଇଁ ସୁଦ୍ଧା ଛାଡ଼ି ଚାଲିଯିବାକୁ ଇଚ୍ଛା କରି ନ ଥିଲେ ଓ ସେ ସେହି ସ୍ଥାନକୁ ତାଙ୍କ ପଛେ ପଛେ ଯାଉଥିଲେ, ଯେଉଁ ସ୍ଥାନକୁ ସେ ଯାଉଥିଲେ ।

ଏପରିକି ଯର୍ଦ୍ଦନରେ, ଏଲିୟ ଯର୍ଦ୍ଦନ ନଦୀ ଅତିକ୍ରମ କରିବାକୁ ଚାହୁଁଛନ୍ତି ବୋଲି କହି ଇଲୀଶାୟଙ୍କୁ ଛାଡ଼ି ଚାଲିଯିବାକୁ ଇଚ୍ଛା କରିଥିଲେ । ଇଲୀଶାୟ ତାଙ୍କ ସହିତ ନଦୀ ଅତିକ୍ରମ କରିବେ ବୋଲି ଜିଦ୍ କରିବେ ବୋଲି ଜିଦ୍ କରି ଏଲିୟଙ୍କ ସହିତ ନଦୀ ଅତିକ୍ରମ କରିଥିଲେ । ନଦୀ ଅତିକ୍ରମ କରିବା ପୂର୍ବରୁ, ଭାବବାଦୀ ଏଲିୟ ନିଜର ବସ୍ତ୍ରକୁ ଏକତ୍ର ଗୁଡ଼ାଇ ଜଳକୁ ଆଘାତ କଲେ । ତହିଁରେ ନଦୀ ଦୁଇ ଭାଗରେ ବିଭକ୍ତ ହେଲା ଓ ସେମାନେ ଶୁଷ୍କ ଭୂମି ଦେଇ ପାର୍ ହୋଇଗଲେ ।

ବର୍ତ୍ତମାନ ଏଲିୟ ଇଲୀଶାୟଙ୍କୁ କହିଲେ ଯେ ସେ ଅତିଶୀଘ୍ର ପୃଥିବୀକୁ ପରିତ୍ୟାଗ କରିବାକୁ ଯାଉଛନ୍ତି । ସେ କହିଲେ, ‘‘ମୁଁ ତୁମ୍ଭ ପାଇଁ କଅଣ କରିବି, ଏହା ମୁଁ ତୁମ୍ଭ ନିକଟରୁ ଅନ୍ତରିତ ହେବା ପୂର୍ବରୁ ମାଗ ।’’ ତହିଁରେ ଇଲୀଶାୟ କହିଲେ, ‘‘ମୁଁ ବିନୟ କରୁଅଛି, ଆପଣଙ୍କ ଆତ୍ମାର ଦୁଇଗଣ ଅଂଶ ମୋ’ ଉପରେ ବର୍ତ୍ତୁ ।’’ ଏଲିୟ ତାଙ୍କୁ କହିଲେ, ‘‘ତୁମ୍ଭେ ଦୁଃସାଧ ବିଷୟ ମାଗିଲ, ତଥାପି ମୁଁ ତୁମ୍ଭ ନିକଟରୁ ଅନ୍ତରିତ ହେବା ବେଳେ ଯେବେ ତୁମ୍ଭେ ମୋତେ ଦେଖିବ, ତେବେ ତୁମ୍ଭ ପ୍ରତି ତଦ୍ରୂପ ବର୍ତ୍ତିବ, ମାତ୍ର ତାହା ନ ହେଲେ, ବର୍ତ୍ତିବ ନାହିଁ ।’’ ପୁଣି ଇଲୀଶାୟ ଅତି ସତର୍କ ଭାବରେ ଏଲିୟଙ୍କୁ ଲକ୍ଷ୍ୟ କରୁଥିଲେ, ହଠାତ୍ ଏକ ଅଗ୍ନିମୟ ରଥ ଓ ଅଗ୍ନିମୟ ଅଶ୍ୱ ଦେଖାଗଲା ଓ ଏଲିୟ ସେହି ରଥରେ ସ୍ୱର୍ଗାରୋହଣ କଲେ । ଏହା ଦେଖି ଇଲୀଶାୟ ଉଚ୍ଚ ସ୍ୱରରେ ନିଜ ନେତାଙ୍କ ପାଇଁ ଶୋକ କରିଥିଲେ । ସେ ଏଲିୟଙ୍କଠାରୁ ଖସି ପଡ଼ିଥିବା ବସ୍ତ୍ର ନେଇ ଫେରିଗଲେ ଓ ଯର୍ଦ୍ଦନ ନଦୀ କୂଳରେ ଠିଆ ହେଲେ (୨ ରାଜାବଳି ୨:୧୨–୧୩) ।

## ୨. ଇଲୀଶାୟ ଆଦୌ ନିରୁତ୍ସାହିତ ହୋଇ ନ ଥିଲେ :

ଯଦିଓ ଇଲୀଶାୟ ଜାଣିଥିଲେ ଯେ ସେ ନିଜ ନେତାଙ୍କ ବାକ୍ୟ ଓ କାର୍ଯ୍ୟ ଦ୍ୱାରା ଅନେକ ଥର ପରୀକ୍ଷିତ ହୋଇଥିଲେ, ତଥାପି ସେ ଆଦୌ ନିରୁତ୍ସାହିତ ହୋଇ ନ ଥିଲେ ।

ଯେଉଁମାନେ ଦୁଃଖଭୋଗ କରନ୍ତି, ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଈଶ୍ୱର ସମର୍ଥ ଅଟନ୍ତି । ସେମାନଙ୍କୁ ଆଦୌ ଲଜ୍ଜିତ କରାଯିବ ନାହିଁ । ଆପଣଙ୍କ ଜୀବନରେ କୌଣସି ଗୋଟିଏ ବିଷୟ ଆଦୌ ଘଟି ନ ଥାନ୍ତା କି ବୋଲି ଆପଣ ଭାବୁଥିବେ । ହୁଏତ ଆପଣଙ୍କ ପ୍ରାର୍ଥନାର ଉତ୍ତର ମିଳି ନାହିଁ ବୋଲି ମନେ ହେଉଥିବ । ଆପଣ ଦିନଗୁଡ଼ିକ ଓ ଅର୍ଥ ଅଯଥା ଖର୍ଚ୍ଚ ହୋଇଯାଉଛି । ଯଦିଓ ଆପଣ ପ୍ରଭୁଙ୍କର ସେବା କରିଛନ୍ତି, ତଥାପି ସବୁକିଛି ବିଫଳତା ଦିଗରେ ଅଗ୍ରସର ହେବା ଭଳି ମନେ ହେଉଛି । ଆପଣଙ୍କ ନିକଟରେ ଏହି ପ୍ରଶ୍ନ ମଧ ଥାଇପାରେ : ‘‘ବାସ୍ତବରେ ଜଣେ ଈଶ୍ୱର ଅଛନ୍ତି କି ?’’

ବର୍ତ୍ତମାନ ଆପଣ ନିରୁତ୍ସାହିତ ଅଟନ୍ତି କି ? ନିରୁତ୍ସାହିତ ହୁଅନ୍ତୁ ନାହିଁ, ସାହସିକ ହୁଅନ୍ତୁ । ଈଶ୍ୱର ନିଶ୍ଚୟ ଆପଣଙ୍କ ଜୀବନରେ ଆଶ୍ଚର୍ଯ୍ୟ କର୍ମ ସାଧନ କରିବେ । ଇଲୀଶାୟଙ୍କ ଭଳି ନିଜକୁ ପରିବର୍ତ୍ତିତ କରନ୍ତୁ । ସେହିପରି କଲେ, ସମୟ ନିଶ୍ଚୟ ପରିବର୍ତ୍ତିତ ହେବ । ପରିସ୍ଥିତି ପରିବର୍ତ୍ତିତ ହେବ । ମାତ୍ର ଆମର ପ୍ରଭୁ ପରିବର୍ତ୍ତିତ ହେବେ ନାହିଁ ।

ଯଦିଓ ଏଲିୟ ପ୍ରଭୁଙ୍କ ଦ୍ୱାରା ଦୀନ ହୋଇଥିଲେ ଓ ଇଲୀଶାୟ ‘‘ମୋର ପିତା ! ମୋର ପିତା’’ କହି କ୍ରନ୍ଦନ କରିଥିଲେ, ତଥାପି ସେ ନିଜର ବିଶ୍ୱାସ ହରାଇ ନ ଥିଲେ । ସେ ଆଶା ପରିତ୍ୟାଗ କରି ନ ଥିଲେ । ସେ ନିଜର ଅଭିଷେକକୁ ଓ ଆହ୍ୱାନକୁ ଅବହେଳା କରି ନ ଥିଲେ । ସେ କେବଳ ସ୍ୱର୍ଗ ଆଡକୁ ଉର୍ଦ୍ଧ୍ୱ ଦୃଷ୍ଟି କରି କ୍ରନ୍ଦନ କରିଥିଲେ ।

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*


**नहेम्याह बाइबल कॉलेज**
**रेसिडेन्शल कॉलेज, चेन्नई।**

माध्यमः हिन्दी

*सदस्यता के लिए पंजीकृत उम्मीदवार* - ATA

Regd. Candidate for Membership ATA NEHEMIAH BIBLE COLLEGE CHENNAI ECHO OF HIS CALL Estd. 1989

ECHO OF HIS CALL 1989-2019 GOLDEN JUBILEE (ECHO GROUP)

**सुविख्यात अंतर्राष्ट्रीय मसीही अगुवे तथा पिछले 53 वर्षों से सेवारत वरिष्ठ पासवान**

**सर्टिफिकेट इन थियोलॉजी – 1 साल**
**डिप्लोमा ऑफ थियोलॉजी – 2 साल**

**योग्यता 10 वी या अधिक**
**जल्दी करें!**

**Contact : The Chairman, Nehemiah Bible College.**
**10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.**
**Phone : (+91-44) 2852 8282, Cell : (+91) 98410 71852 / 95661 31858**
E.mail : sam@echoofhiscall.org / Website : www.echoofhiscall.org

★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୨ ଜୁଲାଇ ୧୯ ରୁ ୨୦୨୨ ଅଗଷ୍ଟ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

| | |
|---|---|
| ଜୁଲାଇ ୧୯ | ଈଶ୍ୱର ଅନୁଗ୍ରହ ପୂର୍ବକ ଦୁର୍ଗମ ଅଞ୍ଚଳରେ ସୁସମାଚାର ପହଞ୍ଚାଇବାରେ ଆମକୁ ସାହାଯ୍ୟ କରିଛନ୍ତି । |
| ଜୁଲାଇ ୨୦ | ଆମର ସହାୟତାକାରୀମାନଙ୍କର ପ୍ରାର୍ଥନା ଓ ଅର୍ଥ ସହାୟତା ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ । |
| ଜୁଲାଇ ୨୧ | ଆମର ସେଣ୍ଟପଲସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ କରେସପଣ୍ଡେସ ପାଠ୍ୟକ୍ରମ ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ । |
| ଜୁଲାଇ ୨୨ | ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲଭାରାଜ୍ ଓ ତାଙ୍କ ପରିବାରକୁ ପ୍ରଚୁର ଭାବେ ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଜୁଲାଇ ୨୩ | ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ବର୍ଗଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଜୁଲାଇ ୨୪ | ଈଶ୍ୱର ଆମର ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକୁ ଅଧିକ ସଦସ୍ୟ ଯୋଗାଇଛନ୍ତି । |
| ଜୁଲାଇ ୨୫ | ଆମର ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀ ଓ ସେମାନଙ୍କର ପରିବାର ବର୍ଗଙ୍କ ପାଇଁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ । |
| ଜୁଲାଇ ୨୬ | ଆମ କାର୍ଯ୍ୟକାରୀମାନଙ୍କ ପରିବାରଗୁଡ଼ିକ ଉପରେ ଆଶୀର୍ବାଦ କରିଥିବାରୁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ । |
| ଜୁଲାଇ ୨୭ | ଆମ ଦେଶକୁ ସୁରକ୍ଷା ଦେଇଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଜୁଲାଇ ୨୮ | ୨୦୨୨ ଜୁନ୍ ୩ ତାରିଖରେ ଅନୁଷ୍ଠିତ ହୋଇଥିବା ଆମର ନିହିମିୟା ବାଇବଲ କଲେଜର ଉପାଧି ପ୍ରଦାନ ଉତ୍ସବକୁ ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଜୁଲାଇ ୨୯ | ଆମ ମଣ୍ଡଳୀ ମଧ୍ୟରେ ନୂତନ ବିଶ୍ୱାସୀମାନଙ୍କୁ ଅଭିଷିକ୍ତ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଜୁଲାଇ ୩୦ | ଈଶ୍ୱର ଅନୁଗ୍ରହ ପୂର୍ବକ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜ ପାଇଁ ନୂତନ ଛାତ୍ରମାନଙ୍କୁ ଯୋଗାଇଛନ୍ତି । |
| ଜୁଲାଇ ୩୧ | ଜଳ ଶୀତଳକାରୀ ଯନ୍ତ୍ର, ଫ୍ରିଜ୍, କେତେଗୁଡ଼ିଏ ଖଟ, ଚଟେଇ, ବାସନ ପତ୍ର ଇତ୍ୟାଦି ଆମର ଆବାସିକ ବାଇବଲ କଲେଜ ପାଇଁ କ୍ରୟ କରିବାରେ ଆମକୁ ସାହାଯ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ । |
| ଅଗଷ୍ଟ ୧ | ରାଜ୍ୟ ସଂଯୋଜକ ଓ ସେମାନଙ୍କର ସହଭାଗିତା ପାଇଁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ । |
| ଅଗଷ୍ଟ ୨ | ମିଶନ କାର୍ଯ୍ୟକାରୀମାନଙ୍କର ସମର୍ପିତ କାର୍ଯ୍ୟ ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ । |
| ଅଗଷ୍ଟ ୩ | ଈଶ୍ୱର ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଇଥିବାରୁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ । |

## ପ୍ରାର୍ଥନାର ବିଷୟ

| | |
|---|---|
| ଅଗଷ୍ଟ ୪ | ୨୦୨୨ ମଇ ୨୫ରେ, ମହାଗୌରବ ମଧ୍ୟକୁ ପ୍ରବେଶ କରିଥିବା ଆମର ଇଂରାଜୀ ସହଯୋଗୀ ସଂପାଦକ, ଭାଇ ମାନୁଏଲ ଏମ୍.ପଲ୍ରାଜଙ୍କର ଶୋକସନ୍ତପ୍ତ ବନ୍ଧୁ, ପରିବାର ଓ ଆତ୍ମିୟଙ୍କ ପାଇଁ ପ୍ରାର୍ଥନା କରନ୍ତୁ । |
| ଅଗଷ୍ଟ ୫ | ଦୁର୍ଗମ ଅଞ୍ଚଳରେ ସୁସମାଚାର ପହଞ୍ଚାଇବା ପାଇଁ ଆମକୁ ସାମର୍ଥ୍ୟ ଦେବା ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ । |
| ଅଗଷ୍ଟ ୬ | ସମସ୍ତ ଧର୍ମ ମଧ୍ୟରେ ଏକତା ପାଇଁ ପ୍ରାର୍ଥନାରେ ସମର୍ପିତ ହୁଅନ୍ତୁ । |
| ଅଗଷ୍ଟ ୭ | ସମସ୍ତ ଦେଶ ମଧ୍ୟରେ ଈଶ୍ୱରଙ୍କ ପ୍ରତି ଯେପରି ନିଷ୍ଠାଭାବ ରହିବ, ଏଥିପାଇଁ ପ୍ରାର୍ଥନା କରନ୍ତୁ । |
| ଅଗଷ୍ଟ ୮ | ପୃଥିବୀରେ ତାଙ୍କ ରାଜ୍ୟ ନିର୍ମାଣ ପାଇଁ ଆହୁରି ଅନେକ ଦର୍ଶନ ଦେବା ନିମନ୍ତେ ପ୍ରାର୍ଥନା କରନ୍ତୁ । |
| ଅଗଷ୍ଟ ୯ | ଆମ ଦେଶର ଏକତା ଓ ସମସ୍ତ ବିଷୟରେ ଉନ୍ନତି ନିମନ୍ତେ ପ୍ରାର୍ଥନା କରନ୍ତୁ । |
| ଅଗଷ୍ଟ ୧୦ | ଆଜି, ଆମେ ସେବାକାର୍ଯ୍ୟର ୫୪ ତମ ବର୍ଷରେ ପ୍ରବେଶ କରିଅଛୁ । ଦୟାକରି ପ୍ରାର୍ଥନା କରନ୍ତୁ । |
| ଅଗଷ୍ଟ ୧୧ | ଋଷିଆ ଓ ୟୁକ୍ରେନର ଯୁଦ୍ଧ ଯେପରି ସମାପ୍ତ ହେବ ଓ ପୃଥିବୀରେ ଶାନ୍ତି ସ୍ଥାପିତ ହେବ, ଏଥିପାଇଁ ପ୍ରାର୍ଥନା କରନ୍ତୁ । |
| ଅଗଷ୍ଟ ୧୨ | ସମଗ୍ର ପୃଥିବୀର ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ । |
| ଅଗଷ୍ଟ ୧୩ | ଆତ୍ମ-ଜୀବନୀ ଲେଖିବାରେ ଆମ ବରିଷ୍ଠ ପାଳକଙ୍କର ସଫଳତା ପାଇଁ ପ୍ରାର୍ଥନା କରନ୍ତୁ । |
| ଅଗଷ୍ଟ ୧୪ | ସ୍ତ୍ରୀ ଓ ପିଲାମାନଙ୍କ ବିରୁଦ୍ଧରେ ଚାଲିଥିବା ହିଂସାର ଦୂରୀକରଣ ପାଇଁ ପ୍ରାର୍ଥନା କରନ୍ତୁ । |
| ଅଗଷ୍ଟ ୧୫ | ଈଶ୍ୱର ଯେପରି ଆମର ସଂଯୋଜକ ଓ ପାଳକମାନଙ୍କୁ ନୂତନ ଶକ୍ତି ପ୍ରଦାନ କରିବେ । |
| ଅଗଷ୍ଟ ୧୬ | ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନଗୁଡ଼ିକ ନିମନ୍ତେ ପ୍ରାର୍ଥନା କରନ୍ତୁ । |
| ଅଗଷ୍ଟ ୧୭ | ଆମ ମିଶନ କ୍ଷେତ୍ରର କାର୍ଯ୍ୟକାରୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ । |
| ଅଗଷ୍ଟ ୧୮ | ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍ଭାରାଜ୍ଙ୍କର ଯୋଜନା ଗୁଡ଼ିକ ଉପରେ ଆଶୀର୍ବାଦ କରିବା ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରନ୍ତୁ । |

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରିୟ ପାଠକ, ଇଲୀଶାୟ ଏଲିୟଙ୍କଠାରୁ ଖସି ପଡ଼ିଥିବା ବସ୍ତ୍ର ନେଇ, ତଦ୍ଦ୍ୱାରା ଜଳକୁ ଆଘାତ କରିଥିଲେ ଓ ନଦୀ ଦୁଇଭାଗରେ ବିଭକ୍ତ ହୋଇଥିଲା । ଇଲୀଶାୟ ନଦୀ ଅତିକ୍ରମ କରିଥିଲେ । ଆପଣଙ୍କ ନିଜର ଯୋଗ୍ୟା କିମ୍ବା ନିମ୍ନ ସ୍ଥିତି ବିଷୟରେ ଭାବନ୍ତୁ ନାହିଁ । ବାଇବଲ କହେ, ଇଲୀଶାୟ ଅଧିକ ଆଶ୍ଚର୍ଯ୍ୟ କର୍ମ କରିଥିଲେ ।

## ୩. ଈଶ୍ୱର ପ୍ରତ୍ୟେକ ଛୋଟ ପ୍ରାର୍ଥନାର ଉତ୍ତର ଦିଅନ୍ତି :

ଯେତେବେଳେ ଆମେ ଆମର ଆବଶ୍ୟକତା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁ, ସେତେବେଳେ ଆମ ଇଚ୍ଛାନୁସାରେ ଉତ୍ତର ଦେବା ଈଶ୍ୱରଙ୍କ ପାଇଁ ଆବଶ୍ୟକ ନୁହେଁ । ଉଦାହରଣ ସ୍ୱରୂପ, ବ୍ୟାଙ୍କରୁ ଗୋଟିଏ ଋଣ ଅନୁମୋଦିତ ହେଉ ବୋଲି ଆପଣ ହୁଏତ ଉପବାସ ଓ ପ୍ରାର୍ଥନା କରୁଥିବେ । ଈଶ୍ୱର ସେହି ଋଣ ପାଇବାରେ ଆପଣଙ୍କୁ ସାହାଯ୍ୟ ନ କରି ପାରନ୍ତି । ମାତ୍ର ସେ ଅନ୍ୟ କୌଣସି ଉପାୟରେ ଆପଣଙ୍କର ଅର୍ଥନୈତିକ ଆବଶ୍ୟକତା ପୂରଣ କରିବେ ।

ମୋର ଜଣେ ଉତ୍ତମ ବନ୍ଧୁ ଅଛନ୍ତି । ସେ ଚେନ୍ନାଇରେ ଡାକ୍ତର ଭାବେ କାର୍ଯ୍ୟ କରୁଥିବା ଡ. ରବିନ୍ଦର୍ ବୋଆଜ୍ ଅଟନ୍ତି । ସେ ଜଣେ ଧାର୍ମିକ ବ୍ୟକ୍ତି ଓ ତାଙ୍କଠାରେ ଅର୍ଥ ପାଇଁ ଲୋଭ ନାହିଁ । ସେ ଈଶ୍ୱରଙ୍କର ଜଣେ ଦାସ ମଧ୍ୟ ଅଟନ୍ତି । ଥରେ ଜଣେ ଡାକ୍ତର ମୋର ଜଣେ ବନ୍ଧୁଙ୍କୁ ଅର୍ଶ ରୋଗ ହୋଇଛି ଓ ଏହାର ଅସ୍ତ୍ରୋପଚାର ଆବଶ୍ୟକ ହେବ ବୋଲି କହିଲେ । ସେହି ବନ୍ଧୁ ପ୍ରାର୍ଥନା ପାଇଁ ମୋ' ନିକଟକୁ ଆସିଲେ । ମୁଁ ତାଙ୍କ ପାଇଁ ପ୍ରାର୍ଥନା କଲି ଓ ସେ ଅତି ଦରିଦ୍ର ଥିବାରୁ, ତାଙ୍କୁ ମୋର ବନ୍ଧୁ, ଡ. ରବିନ୍ଦର ବୋୟାଜଙ୍କ ନିକଟକୁ ନେଲି ।

ରୋଗୀଙ୍କୁ ପରୀକ୍ଷା କରିବା ପୂର୍ବରୁ, ଡାକ୍ତର ଗୋଟିଏ ଛୋଟ ପ୍ରାର୍ଥନା କଲେ ଓ ଏହାପରେ ସେହି ରୋଗୀଙ୍କୁ କହିଲେ, ''ଅସ୍ତ୍ରୋପଚାରର କୌଣସି ଆବଶ୍ୟକତା ନାହିଁ । ପ୍ରଚୁର ପରିମାଣରେ ପାଣି ଦିଅନ୍ତୁ, ସବୁଜ ପନିପରିବା ଓ କଦଳୀ ଖାଆନ୍ତୁ । ଗୋଟିଏ ସପ୍ତାହ ପରେ ଆସନ୍ତୁ । ମୁଁ ସୁନିଶ୍ଚିତ ଯେ ଆପଣ ସୁସ୍ଥ ହୋଇଯିବେ ।'' ଆମେ ଫେରୁଥିବା ସମୟରେ, ରୋଗୀଙ୍କର ମୁଖରେ ବିବ୍ରତ ଭାବ ଥିଲା । ମୁଁ ତାଙ୍କୁ ପଚାରିଲି, ''ଆପଣ କାହିଁକି ଚିନ୍ତିତ ଅଛନ୍ତି ?'' ସେ ଉତ୍ତର ଦେଲେ, ଅସ୍ତ୍ରୋପଚାର ହୋଇ ନ ଥିବାରୁ ମୁଁ ଚିନ୍ତିତ ଅଟେ ।'' ସେ କମ୍ ଖର୍ଚ୍ଚରେ ଅସ୍ତ୍ରୋପଚାରରଯ ଆଶା ରଖିଥିଲେ । କିନ୍ତୁ, ସେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିଥିଲେ । ପୁଣି ଏପରି ଘଟିଲା ଯେ ସେ ବିନା ଅସ୍ତ୍ରୋପଚାରରେ ସଂପୂର୍ଣ୍ଣ ଭାବରେ ସୁସ୍ଥ ହୋଇଥିଲେ । ତାଙ୍କର ସମସ୍ୟା ଥିଲା ସେ ଏକ ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତ ଥିଲେ ଓ ବର୍ତ୍ତମାନ ଅସ୍ତ୍ରୋପଚାର ହୋଇ ନ ଥିଲା ।

ବେଳେବେଳେ ଆମେ ପ୍ରାର୍ଥନା କରୁ ଓ ଆମର ମନର ଭାବନା ଅନୁସାରେ, ଆମେ ଗୋଟିଏ ଉତ୍ତର ଆଶା କରୁ – ମାତ୍ର ଈଶ୍ୱର ତାଙ୍କ ନିଜସ୍ୱ ଜ୍ଞାନ ଓ ଶକ୍ତିରେ କାର୍ଯ୍ୟ କରନ୍ତି । କିନ୍ତୁ ଆମକୁ ସେହି ଆଶ୍ଚର୍ଯ୍ୟକର୍ମ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରହିବାକୁ ହେବ ।

ଇଲୀଶାୟ ମଧ୍ୟ ଭାବି ପାରିଥା'ନ୍ତେ ଯେ ଏଲିୟଙ୍କ ଶକ୍ତିର ଦୁଇ ଗୁଣ ପାଇବା ପରିବର୍ତ୍ତେ, ସେ କେବଳ ତାଙ୍କର ବସ୍ତ୍ର ପାଇଲେ । ମାତ୍ର ଇଲୀଶାୟ ଜଣେ ଆତ୍ମିକମନା ବ୍ୟକ୍ତି ହୋଇଥିବାରୁ, ସେହି ବସ୍ତ୍ରକୁ ସଂପୂର୍ଣ୍ଣ ହୃଦୟର ସହିତ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିଲେ ।

ଈଶ୍ୱରଙ୍କର ପ୍ରିୟ ସନ୍ତାନ, ଆପଣଙ୍କ ପ୍ରାର୍ଥନାର ଉତ୍ତର ପ୍ରତି ଆପଣଙ୍କର ମନୋଭାବ କିପରି ଅଟେ ?

## ଗ. ଗିହେଜୀ

ସିରିଆ ସୈନ୍ୟବାହିନୀର ଜଣେ ବଡ଼ ସେନାପତି କୁଷ୍ଠ ରୋଗରେ ଆକ୍ରାନ୍ତ ଥିଲେ । ତାଙ୍କର ନାମ ନାମାନ୍ ଥିଲା (୨ ରାଜାବଳି ୫:୧) । ଇସ୍ରାଏଲର ଗୋଟିଏ ଛୋଟ ବାଳିକା ତାଙ୍କ ଗୃହରେ କାର୍ଯ୍ୟ କରୁଥିଲା ଓ ସେ ନିଜର କର୍ତ୍ତ୍ରୀଙ୍କୁ ଏହି ପରାମର୍ଶ ଦେଲା ଯେ ଯଦି ନାମାନ୍‌ଙ୍କୁ ଇଲୀଶାୟଙ୍କ ନିକଟକୁ ନିଆଯିବ, ତେବେ ସେ ସୁସ୍ଥ ହୋଇଯିବେ । ସେଥିପାଇଁ ନାମାନ୍ ଇଲୀଶାୟଙ୍କ ନିକଟକୁ ଆସିଲେ । ଇଲୀଶାୟ ତାଙ୍କୁ ସାକ୍ଷାତ୍ ନ କରି, କେବଳ ଯର୍ଦ୍ଦନ ନଦୀରେ ସାତ ଥର ବୁଡ଼ିବା ପାଇଁ ନିର୍ଦ୍ଦେଶ ଦେଲେ । ଏଥିରେ ନାମାନ୍ କ୍ରୋଧାନ୍ୱିତ ହୋଇ କହିଲେ, ''ମୁଁ ଭାବିଥିଲି, ସେ ଅବଶ୍ୟ ବାହାରି ମୋ' ନିକଟକୁ ଆସିବେ ଓ ଠିଆ ହୋଇ ତାହାଙ୍କ ପରମେଶ୍ୱରଙ୍କ ନାମରେ ପ୍ରାର୍ଥନା କରି କୁଷ୍ଠ ସ୍ଥାନରେ ହସ୍ତ ହଲାଇ ତାହା ସୁସ୍ଥ କରିବେ । ଇସ୍ରାଏଲର ସମୁଦାୟ ଜଳ ଅପେକ୍ଷା କି ଆମ ଦେଶରେ ଉତ୍ତମ ନଦୀ ନାହିଁ ?'' ମାତ୍ର ତାଙ୍କର ଦାସମାନେ କହିଲେ, ''ହେ ପିତା, ଯେବେ ସେହି ଭବିଷ୍ୟଦ୍‌ବକ୍ତା କୌଣସି ବଡ଼ କାର୍ଯ୍ୟ କରିବାକୁ ଆପଣଙ୍କୁ ଆଜ୍ଞା କରିଥା'ନ୍ତେ, ତେବେ କି ଆପଣ ତାହା କରି ନ ଥା'ନ୍ତେ ? ତେବେ ସ୍ନାନ କରି ଶୁଚି ହୁଅ ଏହି କଥା ଯେତେବେଳେ ସେ ଆପଣଙ୍କୁ କହନ୍ତି, ତାହା ମାନିବା କେତେ ଅଧିକ କର୍ତ୍ତବ୍ୟ ?''

ଏହା ଶୁଣି ନାମାନ୍ ଯାଇ ନଦୀରେ ନିଜକୁ ସାତଥର ବୁଡ଼ାଇଲେ । ଏଥିରେ ଈଶ୍ୱରଙ୍କ ବ୍ୟକ୍ତିଙ୍କର କଥା ଅନୁସାରେ, ତାଙ୍କର ମାଂସ ପୁନର୍ବାର ଛୋଟ ବାଳକର ମାଂସ ଭଳି ହେଲା ଓ ସେ ଶୁଚି ହେଲେ । ଏହାପରେ ସେ ଈଶ୍ୱରଙ୍କ ଲୋକଙ୍କ ନିକଟକୁ ଫେରି ଆସିଲେ ଓ ସେ ଓ ତାଙ୍କର ସମସ୍ତ ଦାସ ତାଙ୍କ ସମ୍ମୁଖରେ ଠିଆ ହେଲେ । ନାମାନ୍ ଇଲୀଶାୟଙ୍କୁ କହିଲେ, ''ଦେଖନ୍ତୁ, ଏବେ ମୁଁ ଜାଣିଲି ଯେ, ଇସ୍ରାଏଲ ମଧ୍ୟ ଛଡ଼ା ସମୁଦାୟ ପୃଥିବୀରେ ପରମେଶ୍ୱର କେହି ନାହାନ୍ତି, ଏହେତୁ ଏବେ


# ନିହିମିଆ ବାଇବଲ
## ସାଂଧ୍ୟ କଲେଜ

ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ

ମାଧ୍ୟମ ~ ତାମିଲ

ATA — Regd. Candidate for Membership — NEHEMIAH BIBLE COLLEGE — CHENNAI — ECHO OF HIS CALL ★ Estd. 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ**
**ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ**

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ : **The Chairman, Nehemiah Bible College.**

**10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.**
**Phone : (+91-44) 2852 8282, Cell : (+91) 98410 71852 / 95661 31858**
E.mail : sam@echoofhiscall.org / Website : www.echoofhiscall.org

ମୁଁ ଆପଣଙ୍କୁ ବିନୟ କରୁଅଛି, ଆପଣା ଦାସଠାରୁ ଉପହାର ଗ୍ରହଣ କରନ୍ତୁ ।'' ମାତ୍ର ଇଲୀଶାୟ କହିଲେ, **''ମୁଁ ଯେଉଁ ସଦାପ୍ରଭୁଙ୍କ ସମ୍ମୁଖରେ ଠିଆ ହେଉଅଛି, ସେ ଜୀବତ୍ ଥିବା ପ୍ରମାଣେ ମୁଁ କିଛି ଗ୍ରହଣ କରିବି ନାହିଁ''** (୨ ରାଜାବଳି ୫:୧୧-୧୬ ଦେଖନ୍ତୁ) ।

ଇଲୀଶାୟଙ୍କ ଦାସ, ଗିହେଜୀ ଏହିସବୁ ଲକ୍ଷ୍ୟ କରୁଥିଲା ଓ ସେ ମନେ ମନେ କହିଲା, ''ମୋର ପ୍ରଭୁ ନାମାନ୍‌ଙ୍କଠାରୁ କିଛି ଗ୍ରହଣ କଲେ ନାହିଁ । ମୁଁ ନାମାନ୍‌ଙ୍କ ପଛେ ପଛେ ଯାଇ ତାଙ୍କଠାରୁ କିଛି ଆଣିବି'' ଓ ଗିହେଜୀଙ୍କୁ ନାମାନ୍‌ଙ୍କ ପଛେ ପଛେ ଆସୁଥିବାର ଦେଖି, ନାମାନ୍ ପଚାରିଲେ, ''ସବୁ କୁଶଳତା ।'' ସେଥିରେ ସେ କହିଲା, ''ସବୁ କୁଶଳ । ମୋର ପ୍ରଭୁ ମୋତେ ପଠାଇ କହିଅଛନ୍ତି, ଦେଖ, ଏହି କ୍ଷଣେ ଇଫ୍ରୟିମର ପର୍ବତମୟ ଦେଶରୁ ଭବିଷ୍ୟଦ୍‌ବକ୍ତାମାନଙ୍କର ଦୁଇ ଜଣ ପୁତ୍ର ଆସିଅଛନ୍ତି । ମୁଁ ବିନୟ କରୁଅଛି, ସେମାନଙ୍କୁ ଏକ ତାଳନ୍ତ ରୂପା ଓ ଦୁଇ ସାଜ ପୋଷାକ ଦିଅନ୍ତୁ ।'' ଏଥିରେ ନାମାନ୍ କହିଲେ, ''ଅନୁଗ୍ରହ କରି ଦୁଇ ତାଳନ୍ତ ନିଅ ।'' ଆଉ ସେ ତାହାକୁ ବହୁତ ପ୍ରବର୍ତ୍ତାଇଲେ ଓ ଦୁଇ ଥଳୀରେ ଦୁଇ ତାଳନ୍ତ ରୂପା ବାନ୍ଧି ଦୁଇ ସାଜ ପୋଷାକ ସହିତ ନିଜର ଦୁଇ ଦାସଙ୍କ ଉପରେ ତାହା ରଖିଲେ । ସେଥିରେ ସେମାନେ ଗିହେଜୀର ଆଗେ ଆଗେ ତାହା ବହି ନେଲେ, ପୁଣି ଗିହେଜୀ ସେମାନଙ୍କ ଠାରୁ ସେହି ସବୁ ନେଇ ନିଜ ଗୃହରେ ରଖିଲା, ଆଉ ସେ ଲୋକମାନଙ୍କୁ ବିଦାୟ କରନ୍ତେ, ସେମାନେ ଚାଲିଗଲେ ।

ଏହାପରେ ସେ ଭିତରକୁ ଯାଇ ନିଜ ପ୍ରଭୁଙ୍କ ସମ୍ମୁଖରେ ଠିଆ ହେଲା । ସେଥିରେ ଇଲୀଶାୟ ତାହାକୁ ପଚାରିଲେ, ''ଗିହେଜୀ, ତୁମ୍ଭେ କେଉଁଠାକୁ ଯାଇଥିଲ ?'' ସେ କହିଲା, ''ଆପଣଙ୍କ ଦାସ କେଉଁଠାକୁ ଯାଇ ନାହିଁ ।'' ଇଲୀଶାୟ ନିଜର ସ୍ୱର୍ଗୀୟ ଜ୍ଞାନରେ, ତାଙ୍କ ଦାସ ଯାହା କରିଥିଲା, ତାହା ଜାଣିଥିଲେ । ସେ ଗଭୀରଭାବରେ ଆଘାତ ପାଇଥିଲେ । ଏହାପରେ ସେ ଗିହେଜୀକୁ କହିଥିଷଲ, **''ସେହି ଲୋକ ତୁମ୍ଭକୁ ଭେଟିବା ପାଇଁ ଯେତେବେଳେ ଆପଣା ରଥରୁ ଫେରି ଆସିଲା, ସେତେବେଳେ ମୋହର ଅନ୍ତଃକରଣ କି ତୁମ୍ଭ ସଙ୍ଗରେ ଯାଇ ନ ଥିଲା ? ଏ କି ରୂପା ଗ୍ରହଣ କରିବାର ଓ ବସ୍ତ୍ର ଓ ଜୀତ କ୍ଷେତ୍ର ଓ ଦ୍ରାକ୍ଷାକ୍ଷେତ୍ର ଓ ମେଷ ଓ ଗୋରୁ ଓ ଦାସ ଓ ଦାସୀ ଗ୍ରହଣ କରିବାର ସମୟ ? ଏହେତୁ ନାମାନ୍‌ର କୁଷ୍ଠ ରୋଗ ତୁମ୍ଭଠାରେ ଓ ତୁମ୍ଭ ବଂଶରେ ସଦାକାଳ ଲାଗି ରହିବ''** (୨ ରାଜାବଳି ୫:୨୦-୨୭) । ଗିହେଜୀ ଈଶ୍ୱରଙ୍କର ଦାସ ଭାବରେ ନିଜର ନାମ ହରାଇଥିଲା ଓ ତା'ର ବଂଶଧରମାନେ ମଧ୍ୟ ଅଭିଶପ୍ତ ହୋଇଥିଲେ ।

ଆପଣଙ୍କ ପାଇଁ ଆଦର୍ଶ ବ୍ୟକ୍ତି କିଏ ? ଯଦି ଆପଣ ମୋତେ ପଚାରିବେ, ତେବେ ମୁଁ କହିବି ଯେ ମୁଁ ଇଲୀଶାୟଙ୍କ ଭଳି ହେବାକୁ ଚାହୁଁଛି । ମୁଁ ଯେପରି ଦ୍ୱିଗୁଣ ଆଶୀର୍ବାଦପ୍ରାପ୍ତ ହେବି ଓ ଏହି ପୃଥିବୀରେ ଏକ ବିଜୟୀ ଜୀବନ କାଟିବି, ଏଥିପାଇଁ ଇଲୀଶାୟଙ୍କ ଅଭିଷେକ ମୋ' ମସ୍ତକ ଉପରେ ବର୍ତ୍ତୁ ବୋଲି ମୁଁ ବହୁଳ ଭାବରେ ଇଚ୍ଛା କରିବି ।

ଦୟାକରି କିଛି କ୍ଷଣ ପାଇଁ ଚିନ୍ତା କରନ୍ତୁ । ଆପଣ ଇଲୀଶାୟଙ୍କ ଭଳି ଆହ୍ୱାନ ପାଇଛନ୍ତି କି ? ଯଦି ଆପଣ ଇଲୀଶାୟଙ୍କ ଭଳି ଆହୂତ ହୋଇଛନ୍ତି, ତେବେ ସୁଦ୍ଧା ଆପଣ ଶରୀର ଓ ଆତ୍ମାରେ ଦୈନିକ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି କି ? ଆପଣ ଗିହେଜହୀ ଭଳି ଜୀବନ କାଟି, କିଛି ଉତ୍ତମ କାର୍ଯ୍ୟ କିମ୍ବା ସେବାକାର୍ଯ୍ୟ ନାମରେ ଅର୍ଥ ସଂଗ୍ରହ କରୁଛନ୍ତି କି ?

ଆଜି ଈଶ୍ୱରଙ୍କ କେତେକ ଦାସଙ୍କ ମୁଣିରେ ହୁଏତ ଗୋଟିଏ ବାଇବଲ କିମ୍ବା ସୁସମାଚାର ପତ୍ରିକା ନ ଥିବ, ମାତ୍ର ସେମାନଙ୍କ ନିକଟରେ କିଛି ଆୟବ୍ୟୟର ହିସାବ, କିଛି କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ କାଗଜପତ୍ର ଓ ତତ୍ ସଂପୃକ୍ତ ଅନ୍ୟାନ୍ୟ କାଗଜ ସବୁ ହୁଏତ ନିଶ୍ଚୟ ରହିଥିବ । କେତେ ଜଣ ଅତି ଚତୁରତା ସହିତ ସେଗୁଡ଼ିକୁ ତନ୍ନ ତନ୍ନ ଭାବରେ ମନେ ରଖିଥାନ୍ତି । ଆଜି ଈଶ୍ୱରଙ୍କର ଅନେକ ଦାସ ଅର୍ଥ ପାଇବା ପାଇଁ ନୂଆ ନୂଆ ଯୋଜନା ସବୁ ଆବିଷ୍କାର କରିବାରେ ଅତି ଦକ୍ଷ ଅଟନ୍ତି । ସେମାନଙ୍କ ନିକଟରେ ଅର୍ଥ ପାଇବା ପାଇଁ କିଛି **''ଧାର୍ମିକ କାରଣ''** ରହିଥାଏ ।

ଯେତେବେଳେ ଈଶ୍ୱରଙ୍କ କାର୍ଯ୍ୟକାରୀମାନେ ଅର୍ଥ ଆବଶ୍ୟକ କରନ୍ତି, ସେତେବେଳେ ସେମାନଙ୍କ ମଧ୍ୟରୁ କେତେ ଜଣ ଘୋଷଣା କରିବା ଆରମ୍ଭ କରନ୍ତି, **''ମୋତେ ତୁମର ଅର୍ଥ ଦିଅ । ମୁଁ ଅଶ୍ରୁର ସହିତ ତୁମ ପାଇଁ ପ୍ରାର୍ଥନା କରିବି । ଏହାପରେ ଆପଣ ନିଶ୍ଚୟ ସୌଭାଗ୍ୟବାନ୍ ହେବେ ।''** କେତେ ଜଣ କହନ୍ତି, **''ଈଶ୍ୱର ଏପରି ୭୫୦**

*(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)*


## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ - ୭୬ ପୃଷ୍ଠା ଓ ତାମିଲ୍‌ରେ - ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ - ''ଆପଣଙ୍କ ନିମନ୍ତେ ନୂତନ ଜୀବନ'' ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ - ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
**Echo of His Call, Post Box 2957**
CHEPAUK, CHENNAI - 600 005.
**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଗୋଟିଏ ପେନ୍‌ସିଲ୍ ଆସନ ସମ୍ବନ୍ଧୀୟ, ଏକ ପୁରୁଣା କାହାଣୀ

"ବାଳକର ଗନ୍ତବ୍ୟ ପଥରେ ତାହାକୁ ଶିକ୍ଷିତ କରାଅ ; ତେଣୁ ସେ ବୃଦ୍ଧ ହେଲେ ହେଁ ତହିଁରୁ ବିମୁଖ ହେବ ନାହିଁ ।" ହିତୋପଦେଶ ୨୨:୬

ମୁଁ ଗୋଟିଏ ସରକାରୀ ଗ୍ରାମ୍ୟ ବିଦ୍ୟାଳୟରେ ୫ମ ଶ୍ରେଣୀ ସଂପୂର୍ଣ୍ଣ କରିବା ପରେ, ଗୋଟିଏ ଉଚ୍ଚ ବିଦ୍ୟାଳୟରେ ଭର୍ତ୍ତି ହେଲି ଓ ସେଠାରେ ମୋତେ ପ୍ରଥମ ଥର ପାଇଁ ଇଂରାଜୀ ଅକ୍ଷର ମାଳା ଶିକ୍ଷା ଦିଆଗଲା । ବିଦ୍ୟାଳୟର ପ୍ରଥମ ଦିନ, ଶ୍ରେଣୀ ଶିକ୍ଷୟିତ୍ରୀ ସମସ୍ତ ଛାତ୍ରଙ୍କୁ ପରବର୍ତ୍ତୀ ଦିନ ଗୋଟିଏ ଲେଖାଏଁ ପେନ୍‌ସିଲ୍ ଓ ଖାତା ଆଣିବାକୁ ନିର୍ଦ୍ଦେଶ ଦେଲେ । ମୁଁ ଗୃହକୁ ଫେରିବା ମାତ୍ରେ, ମୋର ମା'ଙ୍କୁ ଏହି ବିଷୟ ଜଣାଇଲି କାରଣ ମୋର ପିତା ସହର ବାହାରେ ଥିଲେ । ସେ ଗୋଟିଏ ଖାତା କିଣିଥିଲେ, ମାତ୍ର ମୋ' ପାଇଁ ଗୋଟିଏ ପେନ୍‌ସିଲ୍ କିଣିବା ନିମନ୍ତେ ଅସମର୍ଥ ଥିଲେ । ସେ ଆମ ପଡ଼ୋଶୀମାନଙ୍କଠାରୁ ସାହାଯ୍ୟ ନେବା ପାଇଁ ଇଚ୍ଛା କରୁ ନ ଥିବାରୁ, ମୋ' ନିକଟରେ ନିଜର ଅସାମର୍ଥ୍ୟ ବୁଝାଇ ମୋତେ ଗୋଟିଏ ପେନ୍‌ସିଲ୍ ଦେବା ପାଇଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରାର୍ଥନା କରିବାକୁ ମୋତେ କହିଲେ ।

ତାଙ୍କ ବାକ୍ୟର ବାଧ ହୋଇ, ମୁଁ ରାତିରେ ଆଣ୍ଠୁ ଭାଙ୍ଗି ବସି ମୋତେ ଗୋଟିଏ ପେନ୍‌ସିଲ୍ ଦେବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲି ଓ ଶୋଇବାକୁ ଗଲି । ପରଦିନ ସକାଳ ପର୍ଯ୍ୟନ୍ତ, ଈଶ୍ୱର ମୋତେ କୌଣସି ପେନ୍‌ସିଲ୍ ଦେଇ ନ ଥିଲେ । ତଥାପି ମୋତେ ପେନ୍‌ସିଲ୍ ବିନା ସ୍କୁଲ ଯିବାକୁ ପଡ଼ିଥିଲା । ଯେତେବେଳେ ଅନ୍ୟ ସମସ୍ତ ଛାତ୍ର ପେନ୍‌ସିଲ୍ ଆଣିଥିଲେ, ସେତେବେଳେ କେବଳ ମୁଁ ଶିକ୍ଷୟିତ୍ରୀଙ୍କର ଆଦେଶ ମାନିବାରେ ଅସମର୍ଥ ଥିଲି । ସେଥିପାଇଁ ଶିକ୍ଷୟିତ୍ରୀ ମୋ' ପ୍ରତି ଅସନ୍ତୁଷ୍ଟ ଥିଲେ । ସେ ମୋତେ କହିଥିଲେ ଯେ ଆଗାମୀ ଦିନ ପେନ୍‌ସିଲ ନ ନେଇ ମୁଁ ସ୍କୁଲକୁ ଆସିବି ନାହିଁ ।

ମୁଁ ଗୃହକୁ ଆସି ଶିକ୍ଷୟିତ୍ରୀଙ୍କର ଅସନ୍ତୋଷ ବିଷୟରେ ମୋ' ମା'ଙ୍କୁ ଜଣାଇଲି । ସେ ସାମାନ୍ୟ ହସି ଦ୍ୱିତୀୟ ଦିନ ମଧ୍ୟ ପ୍ରାର୍ଥନା କରିବାକୁ ମୋତେ କହିଲେ ଓ ମୋତେ ଏହି ଭରସା ଦେଲେ ଯେ ଆସୁଅଛି । ମୁଁ ସେହିପରି କଲି, ମାତ୍ର କିଛି ଘଟିଲା ନାହିଁ । ପୁଣି ଥରେ ମୋତେ ପେନ୍‌ସିଲ୍ ବିନା ସ୍କୁଲକୁ ଯିବାକୁ ପଡ଼ିଲା । ମୋତେ ଶିକ୍ଷୟିତ୍ରୀ ପ୍ରଶ୍ନ କରିବାରୁ ମୁଁ କହିଲି ଯେ ମୋର ମା'ଙ୍କ ନିର୍ଦ୍ଦେଶ ଅନୁସାରେ ମୁଁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରାର୍ଥନା କରିଅଛି ଓ ମୋର ପେନ୍‌ସିଲ୍ ପଥ ମଧ୍ୟରେ ଅଛି । ଶିକ୍ଷୟିତ୍ରୀ ମୋ' ଉପରେ ବିରକ୍ତ ଓ କ୍ରୋଧାନ୍ୱିତ ହେଲେ । ପରଦିନ ପେନ୍‌ସିଲ୍ ବିନା ସ୍କୁଲକୁ ନ ଆସିବା ପାଇଁ ସେ ମୋତେ କହିଲେ ।

ମୁଁ ଅତି ଦୁଃଖର ସହିତ ମା'ଙ୍କୁ ଏହା ଜଣାଇଲି । ମୋର ପେନ୍‌ସିଲ୍ ପ୍ରାର୍ଥନା ଶୁଣିଥିବାରୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଧନ୍ୟବାଦ ଦେବା ପାଇଁ ସେ ମୋତେ କହିଲେ । ମୁଁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ପ୍ରଭୁଙ୍କୁ ଧନ୍ୟବାଦ ଦେବାରେ ଲାଗିଲି । ମାତ୍ର ଯଦି ମୁଁ ପେନ୍‌ସିଲ୍ ନ ନେଇ ସ୍କୁଲକୁ ଯିବି, ତେବେ ସ୍କୁଲରେ ମୁଁ କିପରି କଷ୍ଟ ଓ ଦଣ୍ଡ ପାଇବି ଭାବି ମୋତେ ନିଦ ହେଲା ନାହିଁ ।

ହଠାତ୍ କେହି ଜଣେ ମଧ୍ୟରାତ୍ରିରେ କବାଟରେ ଆଘାତ କରୁଥିବା ଶୁଣି ଆମେ ଆଶ୍ଚର୍ଯ୍ୟ ହେଲୁ । ଘରେ କେହି ପୁରୁଷ ନ ଥିବାରୁ ବୋଧହୁଏ ଚୋରମାନେ ଆସିଛନ୍ତି ବୋଲି ମୋର ମା' କହିଲେ ଓ ନୀରବରେ ଶୋଇଯିବା ପାଇଁ ନିର୍ଦ୍ଦେଶ ଦେଲେ ।

ଏହାପରେ ଆମେ ଝର୍କା ପଟୁ ମୋ' ମା'ଙ୍କ ନାମ ଧରି କେହି ଜଣେ ଡାକୁଥିବାରୁ ଶୁଣିଲୁ । ସେ ମୋର ମାମୁଁ ଶ୍ରୀଯୁକ୍ତ ସେଲ୍‌ଭାମନି ଥିଲେ, ଯିଏ ଆମ ଗୃହଠାରୁ ୭୦ କିଲୋମିଟର ଦୂରରେ ପାଲାୟାମ୍‌କୋଟ୍ଟାଇ ନାମକ ଏକ ସହରରେ ଜଣେ ପୋଲିସ ଅଫିସର ଥିଲେ । ଆମେ ଖୁସିରେ ଦ୍ୱାର ଖୋଲିଲୁ । ସେ ସବୁଥର ପରି ଏଥର ମଧ୍ୟ ମୋ' ପାଇଁ ବିସ୍କିଟ, ମିଠା, ପୋଷାକ, ଇତ୍ୟାଦି ଅନେକ ଉପହାର ଆଣିଥିଲେ ଯେତେବେଳେ ମୁଁ ଗୋଟିଏ ନିର୍ଦ୍ଦିଷ୍ଟ ଉପହାର ମୁଣି ଖୋଲିଲି ସେତେବେଳେ ତା' ଭିତରେ ଗୋଟିଏ ଛୋଟ ବାକ୍ସ ଦେଖିଲି ଯାହା ପେନ୍‌ସିଲ୍ (ନଟରାଜ ପେନ୍‌ସିଲ, ଯାହା ଅତି ଦାମୀ ଥିଲା)ରେ ପରିପୂର୍ଣ୍ଣ ଥିଲା । ସେହି ବାକ୍ସରେ ୨୪ଟି ପେନ୍‌ସିଲ୍ ଥିଲା ।

ମୁଁ ସେଦିନ ରାତିରେ ଡେଇଁ ଡେଇଁ କହୁଥିଲି ଯେ ଈଶ୍ୱର ଯୀଶୁ ଖ୍ରୀଷ୍ଟ କେବଳ ଯେ ମୋର ପ୍ରାର୍ଥନା ଶୁଣିଥିଲେ, ତା' ନୁହେଁ, ମାତ୍ର ମୋର ପ୍ରାର୍ଥନାର ଉତ୍ତର ମଧ୍ୟ ଦେଇଥିଲେ । ମୁଁ ଅତିରିକ୍ତ ଖୁସି ହୋଇଥିବାରୁ ସାରା ରାତି ଶୋଇ ପାରି ନ ଥିଲି ।

ପରଦିନ ସକାଳେ ମୁଁ ୨୪ଟି ଦାମୀ ପେନ୍‌ସିଲ୍ ନେଇ ଖୁସିରେ ସ୍କୁଲକୁ ଗଲି । ଅନ୍ୟମାନଙ୍କ ନିକଟରେ କେବଳ ଗୋଟିଏ ଲେଖାଏଁ ପେନ୍‌ସିଲ୍ ଥିଲା । ଶିକ୍ଷୟିତ୍ରୀ ମୋ' ନିକଟକୁ ଆସି, କ'ଣ ଘଟିଛି ବୋଲି କଠୋର ସ୍ୱରରେ ପ୍ରଶ୍ନ କଲେ । ମୁଁ କହିଲି ଯେ ଗତକାଲି ଯେଉଁ ପେନ୍‌ସିଲ ପଥ ମଧ୍ୟରେ ଥିଲା, ତାହା ଆଜି ଆଶ୍ଚର୍ଯ୍ୟଜନକ ଭାବରେ ମୋ' ହାତକୁ ଆସିଛି । ସେ ଖୁସିରେ ମୋର ପିଠି ଥାପୁଡ଼େଇଲେ ଓ ଜଣେ ଜୀବିତ ଈଶ୍ୱର ଅଛନ୍ତି ବୋଲି ଛାତ୍ରମାନଙ୍କ ନିକଟରେ ଘୋଷଣା କଲେ । ତାହାଙ୍କର ନାମ ଯୀଶୁ ଖ୍ରୀଷ୍ଟ ଅଟେ ।

ପ୍ରିୟ ପାଠକ, ମୁଁ ସାତବର୍ଷ ବୟସର ଥିବା ସମୟରେ ଏହି ଘଟଣା ଘଟିଥିଲା, ମାତ୍ର ସେହି ଅନୁଭୂତି ମୋ' ମନରେ ଏପର୍ଯ୍ୟନ୍ତ ସତେଜ ହୋଇ

ରହିଛି । ଯେଉଁ ଈଶ୍ୱର ମୋତେ ପେନ୍‌ସିଲ ଦେଇଥିଲେ, ସେ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି । **ସେ କାଲି, ଆଜି ଓ ଚିରଦିନ ସମାନ ଅଟନ୍ତି** (ଏବ୍ରୀ ୧୩:୮) । ସେଥିପାଇଁ ଆଜି ମଧ୍ୟ ମୁଁ ମୋ' କୋଠରୀରେ ଗୋଟିଏ ଛୋଟ ସ୍ଥାନ ରଖିଅଛି, ଯାହାକୁ ମୁଁ **''ପେନ୍‌ସିଲ୍ ଆସନ''** **ବୋଲି କହେ । ମୁଁ ପ୍ରତିଦିନ ସକାଳେ ପେନ୍‌ସିଲ୍ ଆସନ ନିକଟକୁ ଯାଏ ଓ ମୋର ବ୍ୟସ୍ତ କାର୍ଯ୍ୟସୂଚୀ ସତ୍ତ୍ୱେ, ଦିନକୁ, ଅନ୍ତତଃ ତିନିଥର ପ୍ରାର୍ଥନା କରି ମୋର ଆବଶ୍ୟକତାଗୁଡ଼ିକୁ ସେହି ସମାନ ଈଶ୍ୱର ଯୀଶୁ ଖ୍ରୀଷ୍ଟଙ୍କୁ ଜଣାଇବାକୁ ଚେଷ୍ଟା କରେ । ଏ ପର୍ଯ୍ୟନ୍ତ, ମୁଁ ଛୋଟ ଛୁଞ୍ଚିଠାରୁ ଆରମ୍ଭ କରି ଅନେକ ଛୋଟ ବସ୍, ବଡ଼ ଅଟ୍ଟାଳିକା, ଇତ୍ୟାଦି, ସେହି ପେନ୍‌ସିଲ ଆସନ ମାଧ୍ୟମରେ ପାଇଅଛି । ସେଥିପାଇଁ ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଛି ଯେ ଯେଉଁ ହସ୍ତରେ ପବିତ୍ର ବାଇବଲ ଥାଏ ଓ ଯେଉଁ ଆଣ୍ଠୁ ପ୍ରାର୍ଥନା ପାଇଁ ନତ ହୁଏ ତାହା କେବେ ବିଫଳତାରେ ଶେଷ ହୁଏ ନାହିଁ ।**

ସେଥିପାଇଁ ମୋର ସେବାକାର୍ଯ୍ୟର ବିଗତ ୫୩ ବର୍ଷ ଧରି, ମୁଁ କୌଣସି ଅର୍ଥ ସଂଗ୍ରହର କାର୍ଯ୍ୟକ୍ରମ ପରିଚାଳନା କରି ନାହିଁ କିମ୍ବା କୌଣସି ବ୍ୟକ୍ତିଙ୍କ ଦ୍ୱାର ନିକଟକୁ ଯାଇ ଆମ ସେବାକାର୍ଯ୍ୟର ଆବଶ୍ୟକତା ନିମନ୍ତେ ଅର୍ଥ କିମ୍ବା କୌଣସି ଦ୍ରବ୍ୟ ମାଗି ନାହିଁ । ମୁଁ ମୋର ସେହି ଈଶ୍ୱରଙ୍କଠାରୁ ଅର୍ଥ ପାଏ ଯିଏ ମୋର ସମସ୍ତ ଆବଶ୍ୟକତା ପାଇଁ ମୋର ପେନ୍‌ସିଲ୍ ଆସନରୁ ମୋତେ ଉତ୍ତର ଦିଅନ୍ତି ।

**''ମୋହର ଶକ୍ତିଦାତା ଖ୍ରୀଷ୍ଟଙ୍କ ସାହାଯ୍ୟରେ ମୁଁ ସବୁକିଛି କରିପାରେ''** **(ଫିଲିପ୍ପୀୟ ୪:୧୩) ।**

***

*(୭ମ ପୃଷ୍ଠାର ଅବଶିଷ୍ଟାଂଶ)*

**ଲୋକଙ୍କୁ ଚାହୁଁଛନ୍ତି, ଯେଉଁମାନେ ପ୍ରତ୍ୟେକେ ଆମ ସେବା କାର୍ଯ୍ୟ ପାଇଁ ୧୦୦୦ଟଙ୍କା ଲେଖାଏଁ ଦେବେ ।'' ଆଉ କେତେ ଜଣ କହନ୍ତି, ''ଈଶ୍ୱର ମୋତେ ଦେଖା ଦେଇଛନ୍ତି ଓ କହିଛନ୍ତି ଯେ ଯେଉଁ ଲୋକମାନେ ସେମାନଙ୍କ ଅବସର ପରେ ମୋଟା ଅଙ୍କର ଅର୍ଥ ପାଇଛନ୍ତି, ସେମାନେ ଆମ ସେବାକାର୍ଯ୍ୟ ପାଇଁ ସେହି ଅର୍ଥ ଦାନ କରି ଦେବା ଉଚିତ । ଆମେ ୫ ବର୍ଷ ପରେ ସଂପୂର୍ଣ୍ଣ ପରିମାଣର ଅର୍ଥ ଫେରାଇ ଦେବୁ ।''**

ଯୀଶୁ ଜନ ସାଧାରଣଙ୍କୁ ପ୍ରତାରଣା କରିବା ପାଇଁ ନିଜର ଶିଷ୍ୟମାନଙ୍କୁ ଶିକ୍ଷା ଦେଇ ନ ଥିଲେ । ଏହା ପରିବର୍ତ୍ତେ, ସେ କହିଥିଲେ : **''...ସମୁଦ୍ରକୁ ଯାଇ ବନଶୀ ପକାଅ, ଆଉ ପ୍ରଥମେ ଯେଉଁ ମାଛ ପଡ଼ିବ, ତାହାକୁ ଧରି ତାହାର ମୁଖ ଫିଟାଇଲେ ଗୋଟିଏ ରୌପ୍ୟ ମୁଦ୍ର ପାଇବ, ତାହା ଘେନି ମୋ' ପାଇଁ ଓ ତୁମ୍ଭ ପାଇଁ ସେମାନଙ୍କୁ ଦିଅ''** (ମାଥିଉ ୧୭:୨୭) । ଈଶ୍ୱରଙ୍କର କେତେ ଜଣ ସନ୍ତାନ ଭୁଲ୍ ଉପାୟରେ ଅର୍ଥ ପ୍ରାପ୍ତ ହୁଅନ୍ତି ଓ ସେହି ଅର୍ଥର ସ୍ୱାଦ ଉପଭୋଗ କରନ୍ତି । ଆଉ କେତେ ଜଣ ପ୍ରଭୁଙ୍କ କାର୍ଯ୍ୟ ପାଇଁ ସେଥିରୁ କିଛି ଭାଗ ଦାନ ଦେବା ନିମନ୍ତେ ପ୍ରସ୍ତୁତ ଥାଆନ୍ତି । ମାତ୍ର ଈଶ୍ୱର ଏହିପରି କୁ-ଉପାର୍ଜ୍ଜିତ ଅର୍ଥ ଚାହାଁନ୍ତି ନାହିଁ । ଈଶ୍ୱରଙ୍କର ପ୍ରିୟ ଦାସମାନେ, ଆପଣଙ୍କର ସମସ୍ତ ସେବାକାର୍ଯ୍ୟ ବିଷୟରେ ସତର୍କ ହୁଅନ୍ତୁ ।

ଯେତେବେଳେ ଆମେ ସାଧୁତାର ସହିତ ଆମର ସେବାକାର୍ଯ୍ୟ କରୁ, ସେତେବେଳେ ଆମର ଆବଶ୍ୟକତା ପୂରଣ କରିବା ପାଇଁ ଏଣେତେଣେ ଘୁରି ବୁଲିବା ଆବଶ୍ୟକ ନୁହେଁ । ଆମେ ନୂଆ ନୂଆ ଯୋଜନା ଆରମ୍ଭ କରି ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଆବଶ୍ୟକ ନୁହେଁ । ଯେଉଁ ଈଶ୍ୱର ଆମକୁ ଆହ୍ୱାନ କରିଛନ୍ତି, ସେ ବିଶ୍ୱସ୍ତ ଅଟନ୍ତି । ସେ ନିଜର ସନ୍ତାନମାନଙ୍କୁ ପଡ଼ିବାକୁ ଦେବେ ନାହିଁ । ସେ ତାଙ୍କର କୌଣସି ସେବାକାର୍ଯ୍ୟକୁ ଅବହେଳା କରିବେ ନାହିଁ । ମାତ୍ର ସେ ନିଶ୍ଚୟ ଆମ କାର୍ଯ୍ୟକଳାପ ପଛରେ ଆମର ଉଦ୍ଦେଶ୍ୟକୁ ଲକ୍ଷ୍ୟ କରିବେ ।

**ଈଶ୍ୱରଙ୍କର ପ୍ରିୟ ସନ୍ତାନ, ଆପଣ ଆପଣଙ୍କ ମାନସିକତା ଅନୁସାରେ ଏକ ଜୀବନ କାଟୁଛନ୍ତି କି ? ଛୋଟ ହେଉ କିମ୍ବା ବଡ଼ ହେଉ, ଆପଣ ଏଲିୟଙ୍କ ଭଳି ହେବା ପାଇଁ ଓ ଈଶ୍ୱରଙ୍କ ଇଚ୍ଛାନୁସାରେ ଏକ ପବିତ୍ର ଜୀବନ କାଟି ସ୍ୱର୍ଗରେ ପହଞ୍ଚିବାକୁ ଚାହୁଁଛନ୍ତି କି ?**

**କିମ୍ବା,**

**ଆପଣ ଯେପରି ଆପଣଙ୍କ ଆହ୍ୱାନରେ ଦୃଢ଼ ରହି ଦ୍ୱିଗୁଣ ଆଶୀର୍ବାଦ ପାଇ ପାରିବେ, ଏଥିପାଇଁ ଆପଣ ଇଲୀଶାୟଙ୍କ ଭଳି ପ୍ରାର୍ଥନାରେ ଉଦ୍‌ଯୋଗୀ ଓ ବିଶ୍ୱାସରେ ସ୍ଥିର ରହିବା ପସନ୍ଦ କରୁଛନ୍ତି ? ଆପଣ ଇଲୀଶାୟଙ୍କୁ ଅନୁସରଣ କରି ଆପଣଙ୍କର ଶତ୍ରୁମାନଙ୍କ ଅପେକ୍ଷା ଅଧିକ ଜ୍ଞାନୀ ଓ ଆପଣଙ୍କର ଶିକ୍ଷକମାନଙ୍କ ଅପେକ୍ଷା ଅଧିକ ବୁଦ୍ଧିମାନ ଓ ପ୍ରାଚୀନମାନଙ୍କ ଅପେକ୍ଷା ଅଧିକ ଚତୁର ହେବେ କି ? (ଗୀତସଂହିତା ୧୧୯:୯୮-୧୦୦) ।**

**କିମ୍ବା,**

**ଆପଣ ଗିହେଜୀ ଭଳି ସେବାକାର୍ଯ୍ୟ ନାମରେ କିଛି କରିବା ପାଇଁ ଅର୍ଥ ସଂଗ୍ରହ କରିବାକୁ ଏଣେ ତେଣେ ଘୁରି ବୁଲିବା ଓ ଆପଣଙ୍କ ନିମନ୍ତେ ଓ ଆପଣଙ୍କ ବଂଶଧରମାନଙ୍କ ନିମନ୍ତେ ଅଭିଶାପ ଅର୍ଜ୍ଜନ କରିବା ପସନ୍ଦ କରିବେ ?**

**ଆପଣଙ୍କ ନିଷ୍ପତ୍ତି ଆପଣଙ୍କ ଇଚ୍ଛା ଉପରେ ଆଧାରିତ ଅଟେ । ଆପଣଙ୍କର ଉତ୍ତର କ'ଣ ?**

***

## ଆହ୍ୱାନର ପ୍ରତିଧ୍ୱନି ଜଣେ ଅସାଧାରଣ ଓ ପ୍ରକାଶନରେ ଅଭୂତପୂର୍ବ ଅବଦାନ ଦେଇଥିବା ବ୍ୟକ୍ତିଙ୍କୁ ସାଦର ସମ୍ମାନ ଜଣାଉଅଛି ।



ଆମେ ଦୁଃଖର ସହିତ ଘୋଷଣା କରୁଅଛୁ ଯେ ୭୨ ବର୍ଷ ବୟସ୍କ ଭାଇ **ମାନୁଏଲ୍ ଏମ୍ ପଲ୍ ରାଜ୍** (ସହଯୋଗୀ ସଂପାଦକ) **୨୦୨୨ ମଇ ୨୫ ତାରିଖ ସକାଳ ୬ଟାରେ** ମହାଗୌରବ ମଧ୍ୟରେ ପ୍ରବେଶ କରିଥିଲେ । ସେ ଆହ୍ୱାନର ପ୍ରତିଧ୍ୱନି ଇଂରାଜୀ ମାସିକ ପତ୍ରିକାର ବରିଷ୍ଠ ସହଯୋଗୀ ସଂପାଦକ ଥିଲେ ଓ ପ୍ରାୟ ୪୩ ବର୍ଷ ଧରି ଆମ ସହିତ କାର୍ଯ୍ୟ କରୁଥିଲେ । ତାଙ୍କର ବିଧବା ପତ୍ନୀ, ପୁତ୍ର କନ୍ୟା ଓ ନାତିନାତୁଣୀଙ୍କ ପାଇଁ ଦୟାକରି ପ୍ରାର୍ଥନା କରନ୍ତୁ ।

**ପାଳକ ଏସ୍ ସାମ୍ ସେଲ୍‌ଭାରାଜ**

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

**A good opportunity to get**
**Echo of His Call**
**monthly magazine at free of cost**

If you could send the addresses of your friends / relatives through post, letter, e.mail, WhatsApp or phone to us, we will dispatch **Echo of His Call** monthly magazine to them at free of cost.

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/21-23
Licence No. WPP. No. TN/PMG(CCR)/WPP-265/21-23
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 18th JULY 2022.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005 and printed by him at **Echo of His Call Printers**, New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**